### ବାଲେଶ୍ୱର ଜିଲ୍ଲା ଯୋଜନା କମିଟି ବୈଠକ

# ଟିପିଏନ୍‌ଡିଓଏଲ୍ ଉପରେ ବର୍ଷିଲେ ଜନପ୍ରତିନିଧି

**ବାଲେଶ୍ୱର, ୧୫।୧୧(ସମିସ):**



ବାଲେଶ୍ୱର ଜିଲ୍ଲା ଯୋଜନା କମିଟି ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ତେବେ ବିଭିନ୍ନ ବିଭାଗ ଉପରେ ଜିଲ୍ଲା ପରିଷଦ ସଦସ୍ୟ ଓ ବିଧାୟକମାନେ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲାବେଳେ ମୁଖ୍ୟତଃ ବୈଠକରେ ଉପସ୍ଥିତ ଥିବା ଟିପିଏନଡିଓଏଲ (ଟାଟା ପାୱାର)ର ବରିଷ୍ଠ ଅଧିକାରୀଙ୍କୁ ଅଧିକାଂଶ ସଦସ୍ୟ ତଥା ନିର୍ବାଚିତ ପ୍ରତିନିଧିମାନେ ଗୁଡେଇ ତୁଡେଇ ପ୍ରଶ୍ନ କରିଥିଲେ। ଟିପିଏନଡିଓଏଲ ଘରୋଇ ଜମି ଉପରେ ଲୋକଙ୍କ ବିନା ଅନୁମତିରେ ୩୩ କେଭି ଟାୱାର ବସାଇବା, ବିଦ୍ୟୁତ୍ ଚୋରି ଆଳରେ ଲୋକଙ୍କ ଉପରେ ଏବଂ ଉପଭୋକ୍ତାମାନଙ୍କ ଉପରେ ଲକ୍ଷାଧିକ ଟଙ୍କା ଜରିମାନା କରିବା, ମିଟର ଟ୍ୟାମ୍ପରିଂ ଆଳରେ ଜରିମାନା ସହ ବିଦ୍ୟୁତ୍ ସଂଯୋଗ କାଟିଦେବା ପ୍ରସଙ୍ଗକୁ ନେଇ ବିଧାୟକ ସ୍ୱରୂପ କୁମାର ଦାସ ଓ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ପ୍ରଶ୍ନ ଉଠାଇଥିଲେ। ଏପରିକି ରେମୁଣା ବିଧାୟକ ଶ୍ରୀ ପରିଡ଼ାଙ୍କ ଘର ନିକଟରେ ଥିବା ଏକ ଟ୍ରାନ୍ସଫର୍ମରକୁ ଘୁଞ୍ଚାଇବା ପାଇଁ ବର୍ଷେ ହେଲା କହୁଥିଲେ ମଧ୍ୟ ତାଙ୍କ ଆଦେଶକୁ କର୍ତ୍ତୃପକ୍ଷ ଅଣଦେଖା କରୁଥିବା କହିଥିଲେ। ସେହିପରି ଡିଆରସିଏସ ଓ ଏଆରସିଏସଙ୍କ ନୂତନ କାର୍ଯ୍ୟାଳୟ ପାଇଁ ରାମେଶ୍ୱର ମନ୍ଦିର ନିକଟରେ ୫.୫ ଡିସମିଲ ଜମି ସରକାର ଦେଇଥିଲେ ମଧ୍ୟ ସେଠାରେ ୧୧ଟି ପରିବାର ଜବରଦଖଲରେ ଥିବାରୁ ସେଠାରେ ଅଫିସ ପାଇଁ ଗୃହ ନିର୍ମାଣ ହୋଇପାରୁ ନ ଥିବା ବିଭାଗୀୟ ଅଧିକାରୀ ସ୍ପଷ୍ଟିକରଣ ଦେଇଥିଲେ। ଏହା ସହିତ ଏକ ନିର୍ଦ୍ଦିଷ୍ଟ ସୋସାଇଟିରେ ବାପା ସଭାପତି ଥିବାବେଳେ ପୁଅ ସମ୍ପାଦକ ରହିବା ଯୋଗୁଁ ନିର୍ଦ୍ଦିଷ୍ଟ ଅଭିଯୋଗ ଗୁଡ଼ିକୁ ଶୁଣାଣି କରାଯାଉ ନ ଥିବା ରେମୁଣା ବିଧାୟକ ଅଭିଯୋଗ କରିଥିଲେ। ଏହା ଉପରେ ତଦନ୍ତ ରିପୋର୍ଟ ଦେବା ସହ ଅଭିଯୋଗର ଶୁଣାଣି କରିବାକୁ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ। ପି-ପାସ୍ ବ୍ୟବସ୍ଥାରେ ଗ୍ରାମାଞ୍ଚଳର ଅନେକ ଚାଷୀ ଜାଲିଆତି କରୁଥିବାବେଳେ ବିଭାଗୀୟ ଅଧିକାରୀ ସାଟେଲାଇଟ ଇମେଜିଂ ବ୍ୟବସ୍ଥାରେ ୫୮୪ ଜଣ ଚାଷୀଙ୍କୁ ଚିହ୍ନଟ କରାଯାଇଥିବା ଦର୍ଶାଇଥିଲେ। ଏଆରସିଏସ ଓ ଡିଆରସିଏସ ଅଫିସ ଜିଲ୍ଲାପାଳଙ୍କ ପୁରୁଣା କାର୍ଯ୍ୟାଳୟକୁ ସ୍ଥାନାନ୍ତର କରିବାପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରେମୁଣା ବିଧାୟକ ଭୀମପୁରା ଷ୍ଟାଡିୟମ ପଡ଼ିଆରେ ବର୍ଷାଜଳ ଜମି ରହୁଥିବା ଦର୍ଶାଇବା ସହ ଜଳ ନିଷ୍କାସନ ବ୍ୟବସ୍ଥା ଡ୍ରେନ୍ ଥିବା ସତ୍ତ୍ୱେ ହୋଇପାରୁ ନ ଥିବା ଦୃଷ୍ଟି ଆକର୍ଷଣ କରିଥିଲେ। କେତେକ ନିର୍ବାଚିତ ପ୍ରତିନିଧି ଭୋଗରାଇ ସମତେ ଅନ୍ୟାନ୍ୟ ବ୍ଲକରେ ଷ୍ଟାଡିୟମ ଓ ମିନି ଷ୍ଟାଡିୟମ ନିର୍ମାଣ ପାଇଁ ପ୍ରସ୍ତାବ ଦେବାଯୋଗୁଁ ଜିଲ୍ଲାପାଳ ଏଥିପାଇଁ ଆବେଦନ କରିବାକୁ ଅନୁରୋଧ କରିଥିଲେ। ସେହିପରି ସଂସ୍କୃତି ବିଭାଗ ପକ୍ଷରୁ ମଧ୍ୟ ୧୧୮ ଟି ଭାଗବତ ଟୁଙ୍ଗି ନିର୍ମାଣ କାମ କରାଯାଇଥିବା କଥା ରେମୁଣା ବିଧାୟକ ପାରମ୍ପରିକ ଗ୍ରାମାଞ୍ଚଳର କଳାକାରଙ୍କ ପାଇଁ କେଉଁ ବ୍ୟବସ୍ଥା କରାଯାଇଛି ବୋଲି ପ୍ରଶ୍ନ ଉଠାଇଥିଲେ। ଜିଲ୍ଲା ଲାଇବ୍ରେରୀରେ ୩୦ ହଜାର ପୁସ୍ତକ ନଷ୍ଟ ହେବାକୁ ବସିଥିବାବେଳେ ତାହା ଉପରେ ବିଭାଗୀୟ ଅଧିକାରୀ କେଉଁଭଳି ପଦକ୍ଷେପ ନେଇଛନ୍ତି ବୋଲି ରେମୁଣା ବିଧାୟକ ପ୍ରଶ୍ନ କରିବା ସହ ପର୍ଯ୍ୟଟନ ବିଭାଗ ମଣିନାଗେଶ୍ୱର ମନ୍ଦିର ବିକାଶ ପାଇଁ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି କି ନାହିଁ ପ୍ରଶ୍ନ କରିଥିଲେ। ତେବେ ଆଜିର ବୈଠକରେ ଟାଟା ପାୱାରର ମନୋମୁଖୀ କାରବାରକୁ ଅଧିକାଂଶ ଜିଲ୍ଲାପରିଷଦ ସଭ୍ୟ ନାପସନ୍ଦ କରିବା ସହ ଠିକ ଭାବେ ବିଭାଗୀୟ ଭିଜିଲାନ୍ସ ଟିମ୍ ତଦନ୍ତ କରନ୍ତୁ ବୋଲି କହିଥିଲେ। ଏହି ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଡିଏଫଓ ଖୁସୱନ୍ତ ସିଂ, ଅବକାରୀ ମନ୍ତ୍ରୀଙ୍କ ପ୍ରତିନିଧି ମାନସ ଚନ୍ଦ୍ର ଜେନା, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିବାବେଳେ ଶ୍ରମବିଭାଗ କୃଷି, କୃଷିଶିଳ୍ପ ନିଗମ, ହସ୍ତତନ୍ତ ଓ ବୟନଶିଳ୍ପ, ସମବାୟ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ନିଗମ, କ୍ରୀଡ଼ା ଓ ଯୁବସେବା ସଂସ୍କୃତି ଓ ଶକ୍ତି ବିଭାଗର ବରିଷ୍ଠ ଅଧିକାରୀମାନେ ନିଜ ନିଜ ବିଭାଗରେ ରିପୋର୍ଟ ଦାଖଲ କରିଥିଲେ।

## ଶ୍ରୀ ପଲ୍ଲି କ୍ଲିନିକ୍ ପକ୍ଷରୁ ମଧୁମେହ ଦିବସ




**ବାଲେଶ୍ୱର, ୧୫।୧୧(ସମିସ):** ବାଲେଶ୍ୱର ସହରସ୍ଥିତ ଶ୍ରୀ ପଲ୍ଲୀ କ୍ଲିନିକ ପକ୍ଷରୁ ବାଲେଶ୍ୱରରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସକାଳେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସହରର କଲେଜ ରୋଡ ସ୍ଥିତ କ୍ଲିନିକ ନିକଟରୁ ଏହି ଶୋଭାଯାତ୍ରା ବାହାରିଥିଲା। କ୍ଲିନିକର ମୁଖ୍ୟ ଡାକ୍ତର ଅମୂଲ୍ୟ କୁମାର ଦାସ ପତାକା ଦେଖାଇ ଏହି ଶୋଭାଯାତ୍ରାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଶୋଭାଯାତ୍ରା କ୍ଲିନକ ପରିସରରୁ ବାହାରି ସିନେମାଛକରୁ ବାହାରି କଲେଜ ଛକ, ଷ୍ଟେସନଛକ, ଫାଣ୍ଡିଛକ, ବିବେକାନନ୍ଦ ରୋଡ଼, ପାଣିଟାଙ୍କି ଛକ ଦେଇ ରବୀନ୍ଦ୍ର କଲ୍ୟାଣ ମଣ୍ଡପରେ ଶେଷ ହୋଇଥିଲା। ପରେ ସେଠାରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସକାଳ ୮ ଟାରୁ ଆରମ୍ଭ ହୋଇ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୪ ଶହରୁ ଅଧିକ ରୋଗୀ ଏହି ଶିବିରରେ ଭାଗନେଇ ବିଭିନ୍ନ ପରୀକ୍ଷା କରିବା ସହିତ ଭେଷଜ ଓ ମଧୁମେହ ରୋଗ ବିଶେଷଜ୍ଞ ଡ.ଦାସଙ୍କ ଦ୍ୱାରା ଚିକିତ୍ସିତ ହୋଇଥିଲେ। ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ବାଲେଶ୍ୱର ଶାଖା କେନ୍ଦ୍ରର ସଦସ୍ୟମାନେ ଏହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଟାଉନ ହାଇସ୍କୁଲରେ ଶିଶୁ ଦିବସ

**ବାଲେଶ୍ୱର, ୧୫।୧୧(ସମିସ):** ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କର ଜୟନ୍ତୀ ସୋମବାର ଦିନ ଜିଲ୍ଲାର ପ୍ରତ୍ୟେକ ବିଦ୍ୟାଳୟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ସହରର ସର୍ବପୁରାତନ ଟାଉନ ହାଇସ୍କୁଲରେ ମଧ୍ୟ ଚାଚା ନେହେରୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମଧୁସ୍ମିତା ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଚାଚା ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ବରିଷ୍ଠ ଶିକ୍ଷକ ଅକ୍ଷୟ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳ୍ପଲତା ରଥ, ଜୟନ୍ତୀ ଚାଷୀ, ଦେବସ୍ମିତା ଦାସ, ସୁସ୍ମିତା ପଣ୍ଡା, ସତ୍ୟ ସାଗରିକା ରାଉତ, ସସ୍ମିତା ଗିରି, ତନୁଶ୍ରୀ କର, ଶିକ୍ଷକ ରାମକୃଷ୍ଣ ପଣ୍ଡା, ଶଶୀକାନ୍ତ ମିଶ୍ର, ରାଜେନ୍ଦ୍ର ଦେ, ଶଶଧର ନାୟକ, କାର୍ତ୍ତିକ ଜେନା, ଅଜିତ ପଟ୍ଟନାୟକ ପ୍ରମୁଖ ଉଦବୋଧନ ଦେଇଥିଲେ। ଶିକ୍ଷୟିତ୍ରୀ ଭାରତୀ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ସାଂସଦ ଓ ବିଧାୟକ



**ବାଲେଶ୍ୱର, ୧୫।୧୧(ସମିସ):** ବାଲେଶ୍ୱର ସହରସ୍ଥ ପରମିଟ ପଡ଼ିଆ ଷ୍ଟାଡିୟମରେ ବାଲେଶ୍ୱର ସାଂସଦ ଓ ସଦର ବିଧାୟକଙ୍କ ହାତ ପାଣ୍ଠିରୁ ୨୦ଲକ୍ଷ ଟଙ୍କା ଅନୁଦାନରେ ନିର୍ମାଣ ହେବାକୁ ଥିବା ଜିମ୍ନାସିୟମ ହଲ ଏବଂ ଖେଳାଳିଙ୍କ ପାଇଁ ବିଶ୍ରାମ ଗୃହର ବୁଧବାର ଦିନ ଭୂମିପୂଜା ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଓ ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏଥିରେ ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସଂଘର ସାଧାରଣ ସମ୍ପାଦକ ଅଧିପ ଦାସ ପ୍ରାରମ୍ଭିକ ଅଭିଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଉତ୍କଳ ବାଳାଶ୍ରମରେ ସଚେତନତା ଶିବିର

**ବାଲେଶ୍ୱର, ୧୫।୧୧(ସମିସ):** ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଉତ୍କଳ ବାଳାଶ୍ରମ, ବାଲେଶ୍ୱର ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ଶିବିରରେ ଜିଲ୍ଲା ସ୍ଥାୟୀ ଲୋକ ଅଦାଲତ ଅଧ୍ୟକ୍ଷ ଚିନ୍ତାମଣି ପଣ୍ଡା ଅଧ୍ୟକ୍ଷତା କରି ଶିଶୁଙ୍କ ଅଧିକାରର ସୁରକ୍ଷା ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଆଇନ୍ ଗୁଡ଼ିକ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ ବାଳାଶ୍ରମର ଅଧୀକ୍ଷକ ସୁବ୍ରତ୍ ମହାପାତ୍ର, ଶିଶୁ ପରାମର୍ଶଦାତା ସ୍ୱପ୍ନେଶ୍ୱର ହେମ୍ବ୍ରମ୍, ଇଣ୍ଟରନ୍ୟାସନାଲ ଜଷ୍ଟିସ୍ ମିଶନ୍‌ର ଶାଖା ପ୍ରମୁଖ ଅମିତ୍ ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଶିବିରକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ସଚିବ ପ୍ରିୟରଞ୍ଜନ ଓଝା ପରିଚାଳନା କରିଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁ ଦିବସ




**ବାଲେଶ୍ୱର, ୧୫।୧୧(ସମିସ):** ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ବାଲେଶ୍ୱର ପୌରାଞ୍ଚଳ ଏବଂ ଓଡ଼ିଶା ଆଲାଇନ୍ସ ଫର ଚାଇଲ୍ଡ ରାଇଟ୍ସ ପକ୍ଷରୁ ସ୍ଥାନୀୟ ମିର୍ଜାପୋଖରୀ ଅଙ୍ଗନବାଡ଼ି କେନ୍ଦ୍ରଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଓଡ଼ିଶା ଆଲାଇନ୍ସ ଫର ଚାଇଲ୍ଡ ରାଇଟ୍ସର ଜିଲ୍ଲା ସଂଯୋଜକ ଉବାଚକ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ଗୌରୀ ଦାଶ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୁଭେନାଇଲ ବୋର୍ଡର ସଦସ୍ୟ ଯାଦବେଶ ମିଶ୍ର, ପରିଦର୍ଶିକା ବିଷ୍ଣୁପ୍ରିୟା ରଣା ଓ ସମାଜସେବୀ ଜୟପ୍ରକାଶ ଦାଶ ପ୍ରମୁଖ ଶିଶୁମାନଙ୍କ ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ଆୟୋଜିତ ଦୌଡ, ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଅଙ୍ଗନବାଡି କର୍ମୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସହାୟତା ପାଇଁ ଭିନ୍ନକ୍ଷମଙ୍କ ନିବେଦନ

**ବାଲେଶ୍ୱର, ୧୫।୧୧(ସମିସ):** ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା କୁଳିଦା ଗ୍ରାମର ସୁଜିତ କୁମାର ଘଡାଇ ସ୍ଥାନୀୟ ଦେହୁର୍ଦ୍ଦା ବିଦ୍ୟୁତ ଷ୍ଟକ୍‌ଚର ଅଧୀନରେ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ। ହେଲେ ଗତ ୨୦୨୧ ଅକ୍ଟୋବର ୨୯ରେ ଏକ ବିଦ୍ୟୁତ ଖୁଣ୍ଟରୁ ତଳେ ପଡ଼ିଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କର ମେରୁଦଣ୍ଡ ହାଡରେ ଆଘାତ ଲାଗିଥିଲା। ଅର୍ଥ ଅଭାବ ଏବଂ କରୋନା ମହାମାରୀ କାରଣରୁ ସଠିକ ସମୟରେ ତାଙ୍କୁ ପରିବାର ଲୋକେ ଡାକ୍ତରଙ୍କୁ ଦେଖାଇ ପାରି ନ ଥିଲେ। ପରେ ଡାକ୍ତରଙ୍କୁ ଦେଖାଇବାରୁ, ଡାକ୍ତର ତାଙ୍କର ମେରୁଦଣ୍ଡ ହାଡ ଅସ୍ତ୍ରୋପଚାର କରିଥିଲେ। ହେଲେ ଅସ୍ତ୍ରୋପଚାର ପରେ ସେ ଆଉ ଆଜି ପର୍ଯ୍ୟନ୍ତ ଛିଡା ହେଇ ପାରୁନାହାନ୍ତି। ହୁଇଲ ଚେୟାର ଆଶ୍ରୟ ନେଇ



ଗୋଟିଏ ସ୍ଥାନରେ ବସି ରହିଛନ୍ତି। ତେବେ ସୁଜିତ ତାଙ୍କ ପରିବାରରେ ଏକା ରୋଜଗାର କରୁଥିଲେ। ସେ ଅକର୍ମଣ୍ୟ ହେଇଯିବା ପରେ ତାଙ୍କ ପରିବାରରେ ଆର୍ଥିକ ସଙ୍କଟ ଦେଖାଯାଇଛି। ମାସକୁ ଭତ୍ତା ବାବଦରେ ୭ ଶହ ଟଙ୍କା ପାଇବା ସହିତ ରେସନ କାର୍ଡ ଧାରୀ ହେଇଥିବା ଯୋଗୁଁ କଣ୍ଟ୍ରୋଲ ସାମଗ୍ରୀ ପାଉଛନ୍ତି। ହେଲେ ଏଥିରେ ସୁଜିତଙ୍କ ପରିବାର ଭାରି କଷ୍ଟରେ ଚଳୁଛନ୍ତି। ଅଷ୍ଟମ ଶ୍ରେଣୀରେ ପଢୁଥିବା ଗୋଟିଏ ମାତ୍ର ପୁଅକୁ ନୂଆ ଡ୍ରେସ ଖଣ୍ଡେ କିଣିଦେଇ ପାରୁନାହାନ୍ତି। ବୁଢ଼ୀ ମା'ର ଔଷଧ ଖର୍ଚ୍ଚ ପାଇଁ ଆବଶ୍ୟକ ଅର୍ଥ ଯୋଗାଇ ପାରୁନାହାନ୍ତି। ନିଜକୁ ଡାକ୍ତରଙ୍କ ପାଖରେ ଦେଖାଇବା ପାଇଁ ତାଙ୍କ ପାଖରେ ଆବଶ୍ୟକ ଅର୍ଥ ମଧ୍ୟ ନାହିଁ। ତେଣୁ ବାଧ୍ୟ ହୋଇ ସୁଜିତ ଯେ କୌଣସି ସରକାରୀ ଯୋଜନାରୁ ଆର୍ଥିକ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲାପାଳଙ୍କ ଠାରେ ଲିଖିତ ଆବେଦନ କରିଛନ୍ତି।

## ବରିଷ୍ଠ ଆଇନଜୀବୀଙ୍କ ଶ୍ରାଦ୍ଧବାର୍ଷିକୀ




**ବାଲେଶ୍ୱର, ୧୫।୧୧(ସମିସ):** ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ରମେନ୍ଦ୍ର କୁମାର ପାଢ଼ୀଙ୍କ ୫ମ ଶ୍ରାଦ୍ଧ ବାର୍ଷିକ ରମେନ୍ଦ୍ର କୁମାର ପାଢ଼ୀ ସ୍ମୃତି କମିଟି ଏବଂ ବାଲେଶ୍ୱର ଜିଲ୍ଲା ଓକିଲ ସଂଘ ମିଳିତ ଆନୁକୂଲ୍ୟରେ ଜିଲ୍ଲା ଦୌରାଜଜଙ୍କ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଜିଲ୍ଲା ଜଜ ଅଶାନ୍ତ କୁମାର ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆଇନଜୀବୀ ଲମ୍ବୋଦର ନାୟକ ସଂଯୋଜନା କରିଥିବା ବେଳେ ଓକିଲ ସଂଘ ସଭାପତି ମନୋଜ କୁମାର ନାୟକ ସଭାପତିତ୍ୱ କରିଥିଲେ। ସ୍ମୃତି କମିଟି ସମ୍ପାଦକ ବରିଷ୍ଠ ଆଇନଜୀବୀ ମଦନ ମୋହନ ପଣ୍ଡା ପ୍ରାରମ୍ଭିକ ସୂଚନା ଏବଂ ଓକିଲ ସଂଘ ସମ୍ପାଦକ ଦୀପକ ଦାଶ ଧନ୍ୟବାଦ ଦେଇଥିଲେ। ବାଲେଶ୍ୱର ବାରର ବୟୋଜ୍ୟେଷ୍ଠ ତଥା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଚାନ୍ଦ, ସନ୍ତୋଷ ଦାସ, ଯୁବ ଆଇନଜୀବୀ ସସ୍ମିତା ନନ୍ଦ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ୫ ବର୍ଷିଆ ଇଣ୍ଟିଗ୍ରେଟେଡ ଆଇନ ଏବଂ ୩ ବର୍ଷିଆ ଟ୍ରାଡିସନାଲ ଆଇନ ଶିକ୍ଷାରେ ୨୦୨୩ ମସିହାରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସ୍ୱର୍ଗତ ପାଢ଼ୀଙ୍କ ଜ୍ୟେଷ୍ଠ ପୁତ୍ର ଉଚ୍ଚନ୍ୟାଳୟର ଡେପୁଟି ସଲିସିଟର ଜେନେରାଲ ପ୍ରସନ୍ନ ପାଢ଼ୀ, ମଧ୍ୟମ ପୁତ୍ର ଙ୍ଗ ପ୍ରଦ୍ୟୁମ୍ନ ପାଢ଼ୀ, ବିଶିଷ୍ଟ ବ୍ୟବସାୟୀ ତଥା ଶିକ୍ଷାବିତ୍ କନିଷ୍ଠ ପୁତ୍ର ପ୍ରଭଞ୍ଜନ ପାଢ଼ୀ, ଭାଗ୍ୟଶ୍ରୀ ପାଢ଼ୀ, ଭବତୋସ ପାଢ଼ୀ, ଜୟଶ୍ରୀ ପାଢ଼ୀ, ରିଶିତୋଷ ପାଢ଼ୀ ପରିବାର ସଦସ୍ୟ ବୃନ୍ଦ, ବାଲେଶ୍ୱର ବିଚାର ବିଭାଗର ସମସ୍ତ ବିଚାରପତି, କର୍ମଚାରୀ, ଶତାଧିକ ଆଇନଜୀବୀ, ଭେଣ୍ଡର ଓ ମହୁରିର ସଂଘ ଉପସ୍ଥିତ ଥିଲେ। ଆଇନଜୀବୀ ବୈଲୋଚନ ଦାଶ, ଗଣେଶ୍ୱର ରାଉତ, ପ୍ରଶାନ୍ତି ପଣ୍ଡା, ସତ୍ୟେନ୍ଦ୍ର ଉମାଶଙ୍କର ରାଉତ, ଯଶୋବନ୍ତୀ ସାହୁ, ସସ୍ମିତା ନନ୍ଦ, ସୁଶାନ୍ତ ମାସନ୍ତ, କମଳଲୋଚନ ପ୍ରଧାନ, ଜୟ ନାରାୟଣ ପଣ୍ଡା, ରାଇମୋହନ ପଟ୍ଟନାୟକ, ରବୀନ୍ଦ୍ର ସ, ମମତା ବେହେରା, ରଘୁନାଥ ପ୍ରଧାନ, ହରେକୃଷ୍ଣ ଦାଶ ପ୍ରମୁଖ ସହଯୋଗ କରିଥିଲେ।

## 'ଦୃଶ୍ୟାନୁଭୂତି' ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

**ବାଲେଶ୍ୱର, ୧୫।୧୧(ସମିସ):** ନୂଆଦିଲ୍ଲୀ ସ୍ଥିତ ଲଳିତକଳା ଅକାଦେମୀର ୩ ନମ୍ବର ଗ୍ୟାଲେରୀରେ 'ଦୃଶ୍ୟାନୁଭୂତି' ନାମକ ଗ୍ରୁପ ଚିତ୍ରକଳା ପ୍ରଦର୍ଶନୀକୁ ବିଶିଷ୍ଟ ଚିତ୍ରଶିଳ୍ପୀ ଅସିତ ପଟ୍ଟନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଏହି ଅବସରରେ ପଦ୍ମଶ୍ରୀ ଯତୀନ ଦାସଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଏହି ପ୍ରଦର୍ଶନୀରେ ମୋଟ ୭ ଜଣ ଚିତ୍ରଶିଳ୍ପୀଙ୍କ କଳାକୃତି ପ୍ରଦର୍ଶିତ ହୋଇଥିଲା। ସେମାନଙ୍କ ମଧ୍ୟରେ ୪ ଜଣ ଓଡ଼ିଆ ଶିଳ୍ପୀମାନେ ହେଲେ ନିକୁଞ୍ଜ ବିହାରୀ ଦାସ, ଆର୍ଯ୍ୟପ୍ରଜ୍ଞା ବାସବଦତ୍ତା, ସୁଧାକର ସେଠୀ, ପ୍ରଦୀପ୍ତ କିଶୋରେ ଦାସ ଅଛନ୍ତି। ଅନ୍ୟମାନେ ହେଲେ ଅମିତ କଲା (ରାଜସ୍ଥାନ), ନୀରାଜ ପେଟର୍ସ (ନୂଆଦିଲ୍ଲୀ), ଯତ୍‌ହିଷା(କେରଳ)। ଉଦଘାଟନୀ ସନ୍ଧ୍ୟାରେ ବହୁ ବିଶିଷ୍ଟ ବ୍ୟକ୍ତି, କଳାକାର କଳା ସମୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଶିଶୁ ଦିବସ ସମାରୋହ

**ବାଲେଶ୍ୱର, ୧୫।୧୧(ସମିସ):** ଗୋପାଳଗାଁ ସ୍ଥିତ ପୂର୍ଣ୍ଣଚନ୍ଦ୍ର ବିବେକାନନ୍ଦ ଶିଶୁ ମନ୍ଦିର ପରିସରରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ଶିଶୁ ଦିବସ ସମାରୋହ ପାଳିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା ରିତାରାଣୀ ଦଳ ବେହେରାଙ୍କ ସଭାପତିତ୍ୱରେ ଏକ ସଭାରେ ମୁଖ୍ୟଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦ, ଓଡ଼ିଶାର ସମ୍ପାଦକ ଯୋଗେନ୍ଦ୍ର ଦାଶ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତାପସ ପଣ୍ଡା, ସମ୍ମାନିତ ଅତିଥି ଭାବେ ପରିଷଦ ସଦସ୍ୟ ସୁରଜ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଗୁରୁମା ପ୍ରଭାତୀ ମହାନ୍ତି ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଗୁରୁମା ସରିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସାହିତ୍ୟ ପତ୍ରିକା 'ଅର୍ପଣ'ର ଲୋକାର୍ପଣ ଉତ୍ସବ

**ବାଲେଶ୍ୱର, ୧୫।୧୧(ସମିସ):** ସହରସ୍ଥିତ ସୁଲଗ୍ନା ପବ୍ଲିକ ସ୍କୁଲ ପରିସରରେ ଶ୍ରୀଲିପ୍ସା ପ୍ରିଣ୍ଟ ମିଡ଼ିଆ ଓ 'ଅପରାହ୍ନ' ଦ୍ୱାରା ପ୍ରକାଶ ପାଉଥିବା ତ୍ରୈମାସିକ ସୃଜନଶୀଳ ସାହିତ୍ୟ ପତ୍ରିକା 'ଅର୍ପଣ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଦୈନିକ ଅପରାହ୍ନ ଖବରକାଗଜର ସମ୍ପାଦକ ବଂଶୀଧର ଜେନା ପୌରୋହିତ୍ୟ କରିଥିଲେ। ମଞ୍ଚାସୀନ ଅତିଥିମାନଙ୍କ ଦ୍ୱାରା ଅର୍ପଣ ପତ୍ରିକା ପାଠକାର୍ପିତ ହେଲାପରେ ମୁଖ୍ୟଅତିଥ ଭାବେ ପୂର୍ବତନ ସାଂସଦ ଇଂ ରବୀନ୍ଦ୍ର କୁମାର ଜେନା, ବରେଣ୍ୟ ଅତିଥି ଭାବରେ ସୁଲଗ୍ନା ଗ୍ରୁପ୍ ଅଫ୍ ଇନିଷ୍ଟିଚ୍ୟୁଟର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ଘନଶ୍ୟାମ ବିଶ୍ୱାଳ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତିଭାଶ୍ରୀ ମୁଖ୍ୟ ପ୍ରଶାନ୍ତ ଦାସ, ଶିକ୍ଷାବିତ ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ସମାଲୋଚକ ଡ. ଶିରିଶ ଚନ୍ଦ୍ର ଜେନା, ଧ୍ୱନୀ ପ୍ରତିଧ୍ୱନୀର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ବରିଷ୍ଠ ସାମ୍ବାଦିକ ରଞ୍ଜନ ବାଗ, ଅଧ୍ୟାପକ ସୁକାନ୍ତ ଗିରି, କବି ସୁଚରିତା ମହାନ୍ତି, ଭାସ୍କର ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇଥିଲେ। ଅର୍ପଣ ପତ୍ରିକାର ପରିଚାଳନା ସମ୍ପାଦକ ବଂଶୀଧର ଜେନା ଅର୍ପଣ ପତ୍ରିକା ନେପଥ୍ୟରେ ଥିବା ଶୁଭେଚ୍ଛୁଙ୍କୁ କୃତଜ୍ଞତା ଜଣାଇଥିଲେ। ଅର୍ପଣ ପତ୍ରିକାର ସମ୍ପାଦିକା ଲକ୍ଷ୍ମୀପ୍ରିୟା ଦାସ ସମ୍ପାଦକୀୟ ପାଠ କରିଥିବା ବେଳେ ଅଧ୍ୟାପକ ଆର୍ଯ୍ୟବ୍ରତ ଦାସ ଅତିଥି ପରିଚୟ ଏବଂ ପ୍ରାକ୍ କଥନ ରଖିଥିଲେ। ଶେଷରେ ଅର୍ପଣ ପତ୍ରିକାର ସଂଯୋଜିକା ଜ୍ୟୋତିର୍ମୟୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଙ୍ଗଲ ଅଧିକାର ଆଇନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାଲେଶ୍ୱର, ୧୫।୧୧(ସମିସ):**




ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ, ଓଡ଼ିଶା ସରକାର ଏବଂ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ ସଭାବନା ସଭାଗୃହଠାରେ ଜଙ୍ଗଲ ଅଧିକାର ଆଇନ ୨୦୦୬ ସଂକ୍ରାନ୍ତୀୟ ଦୁଇଦିନିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ବୁଧବାର ଦିନ ଉଦଯାପିତ ହୋଇଯାଇଛି। ଉଦଯାପନୀ ସଭାରେ ଜିଲ୍ଲା ମଙ୍ଗଳ ଅଧିକାରୀ ବିଦ୍ୟୁତଲତା ମହାପାତ୍ର ମଞ୍ଚାସୀନ ଥିଲେ। ଏହି ସଭାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗର ରାଜ୍ୟ ଦକ୍ଷତା ବିକାଶ ଏବଂ ତାଲିମ ବିଶେଷଜ୍ଞ ବିନୟ ଦାସ ଏବଂ ସହଯୋଗୀ ସଂସ୍ଥା ବସୁନ୍ଧରାର କାର୍ଯ୍ୟକାରୀ ନିର୍ଦ୍ଦେଶକ ୱାଇ ଗିରି ରାଓ ତାଲିମ ଶିବିରର ପରିଚାଳନା କରିଥିଲେ। ପ୍ରଶିକ୍ଷକମାନେ ଜଙ୍ଗଲ ଅଧିକାର ଆଇନ ୨୦୦୬ର ମୂଲ୍ୟବାନ ଜ୍ଞାନ ବାଣ୍ଟିଥିଲେ ଏବଂ ଅଂଶଗ୍ରହଣକାରୀଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। ଗତ ଦୁଇ ଦିନ ମଧ୍ୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଅଧିବେଶନ, ଜଙ୍ଗଲ ଅଧିକାର ଆଇନ ୨୦୦୬ର ଅନ୍ତର୍ନିହିତ ବିଷୟ ଉପରେ ଆଲୋକପାତ କରି ଅଂଶଗ୍ରହଣକାରୀଙ୍କୁ ଆଇନ ଏବଂ ଏହାର ସ୍ଥାନୀୟ ସମ୍ପ୍ରଦାୟ ଉପରେ ପ୍ରଭାବ ବିଷୟରେ ଏକ ନୂତନ ବୁଝାମଣା ପ୍ରଦାନ କରିଥିଲେ। ପାୱାରପଏଣ୍ଟ ଉପସ୍ଥାପନା, ସମୂହ ମୂଲ୍ୟାଙ୍କନ ପ୍ରକଳ୍ପ, ବ୍ୟକ୍ତିଗତ ପ୍ରଶ୍ନ ଅଧିବେଶନ, ଇଣ୍ଟରାକ୍ଟିଭ୍ କର୍ମଶାଳା, ବିଶେଷଜ୍ଞ-ନେତୃତ୍ୱାଧୀନ ଆଲୋଚନା ଏବଂ କେସ୍ ଷ୍ଟଡି ମାଧ୍ୟମରେ ଉପସ୍ଥିତ ବ୍ୟକ୍ତିମାନେ ବ୍ୟବହାରିକ ପ୍ରୟୋଗ ଗୁଡ଼ିକ ବିଷୟରେ ମୂଲ୍ୟବାନ ଜ୍ଞାନ ଆହରଣ କରିଥିଲେ। ସ୍ଥାନୀୟ ସମ୍ପ୍ରଦାୟର ପ୍ରତିନିଧୀମାନେ ଆଲୋଚନାରେ ସକ୍ରିୟ ଭାବରେ ଅଂଶଗ୍ରହଣ କରି ଏକ ସହଯୋଗୀ ପରିବେଶ ସୃଷ୍ଟି କରିଥିଲେ, ଯେଉଁଠାରେ ତୃଣମୂଳସ୍ତରର ଜ୍ଞାନ ଦିଆଯାଇଥିଲା। ଏହି ଶିବିରରେ ବିଭିନ୍ନ ବ୍ଲକର ତହସିଲଦାର, ବନବିଭାଗ ଅଧିକାରୀ, ଉପଖଣ୍ଡ ଓ ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ, ପଞ୍ଚାୟତ ସମିତି ସଦସ୍ୟ ଏବଂ ସଦସ୍ୟା ଓ ଆଦିବାସୀ କଲ୍ୟାଣ ଅଧିକାରୀ ଯୋଗଦେଇଥିଲେ।

**ବିନା ଫାର୍ମାସିଷ୍ଟରେ ମାଲ ମାଲ ଔଷଧ ଦୋକାନ**

# ଭଡ଼ାରେ ଲାଗିଛି ଫାର୍ମାସିଷ୍ଟ ସାର୍ଟିଫିକେଟ୍

**ଜଳେଶ୍ୱର ବ୍ଲକ, ୧୫।୧୧(ସମିସ):** ସୀମାନ୍ତ ଅଞ୍ଚଳ ଜଳେଶ୍ୱର ବ୍ଲକରେ ଜୀବନରେଖା ଭାବେ ପରିଚିତ ଜିକେଭଞ୍ଜର ହସ୍ପିଟାଲ। ଏଠାରେ ପ୍ରତିଦିନ ଶହ ଶହ ରୋଗୀ ଚିକିତ୍ସା ପାଇଁ ଆସିଥାନ୍ତି। ରୋଗୀଙ୍କ ଚିକିତ୍ସା ଲାଗି ପ୍ରେସକିପ୍ସନ ଅନୁସାରେ ଅନେକ ପ୍ରକାରର ଔଷଧ ଆବଶ୍ୟକ ହୋଇଥାଏ। ଚିକିତ୍ସାଳୟ ପକ୍ଷରୁ କିଛି ପରିମାଣରେ ଔଷଧ ଯୋଗାଇ ଦିଆଯାଉଥିବା ବେଳେ ତାହା ପୁଣି ରୋଗୀଙ୍କୁ ନିଅଣ୍ଟ। ଏପରିକି ଚିକିତ୍ସାଳୟ ପରିସରରେ ନିରାମୟ କେନ୍ଦ୍ରରେ ସମସ୍ତ ପ୍ରକାର ଔଷଧ ଉପଲବ୍ଧ ନାହିଁ। ଏହାର ସୁଯୋଗ ନେଇ ହସ୍ପିଟାଲ୍ ସମ୍ମୁଖରେ ବହୁ ଔଷଧାଳୟ ଖୋଲାଯାଇ ପ୍ରେସକିପ୍ସନ ଅନୁସାରେ ଔଷଧ ବିକ୍ରି ହୋଇଥାଏ। ଜଳେଶ୍ୱର ସହରରେ ଶହ ଶହ ଔଷଧ ଦୋକାନ ଖୋଲିଥିବା ବେଳେ ବହୁ ଔଷଧ ଦୋକାନ ବିନା ଫାର୍ମାସିଷ୍ଟରେ ଚାଲିଥିବା ଅଭିଯୋଗ ହେଉଛି। ଲୋକଙ୍କ ଜୀବନକୁ ତାଚ୍ଛଲ୍ୟ କରି ଫାର୍ମାସିଷ୍ଟଙ୍କ ବଦଳରେ ଅନଭିଜ୍ଞ ବ୍ୟକ୍ତି ଔଷଧ ଦୋକାନରେ ଔଷଧ ବିତରଣ କରୁଥିବା ବେଳେ, ଏହାକୁ ରୋକିବା ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହେଉଛି। ସମ୍ପୃକ୍ତ ଅଞ୍ଚଳରେ ଛତୁ ଫୁଟିଲା ଭଳି ଔଷଧ ଦୋକାନ ଖୋଲିବା ଫଳରେ ରୋଗୀ ଓ ସମ୍ପର୍କୀୟ ଔଷଧ କ୍ରୟ ସମୟରେ ଅଧିକରୁ ଅଧିକ ରିଆତି ଦେବାର ଲକ୍ଷ୍ୟ ନେଇ ବ୍ୟବସାୟୀଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ହେଉଥିବା ଦେଖିବାକୁ ମିଳୁଛି। ଏପରିକି ଡାକ୍ତର ଲେଖିଥିବା ଔଷଧ, ଚିଠା ବଦଳରେ କେତେକ ଅନଭିଜ୍ଞ ଔଷଧ ବ୍ୟବସାୟୀମାନେ ବିକଳ୍ପ ଔଷଧ ମଧ ଦେଉଛନ୍ତି। କେତେକ ମୁନାଫାଖୋର ଡାକ୍ତର ଅଧିକ ଅର୍ଥ ଲୋଭରେ ନିମ୍ନମାନର ଔଷଧ ଲେଖିବାର ଅଭିଯୋଗ ହେଉଛି। ଔଷଧ ଦୋକାନ ଖୋଲିବା ନିମନ୍ତେ ଆବଶ୍ୟକ ନଥିପତ୍ର ଦାଖଲ କରି, ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଠାରୁ ଲାଇସେନ୍ସ ଆଣୁଛନ୍ତି। ମାତ୍ର ପ୍ରତ୍ୟେକ ଔଷଧ ଦୋକାନରେ ଫାର୍ମାସିଷ୍ଟ ଗ୍ରାହକଙ୍କୁ ଔଷଧ ଦେବା ନିୟମ ରହିଥିବା ବେଳେ ସମ୍ପୃକ୍ତ ଅଞ୍ଚଳରେ ଏହାର ବ୍ୟତିକ୍ରମ ହେଉଥିବା ଅଭିଯୋଗ ହେଉଛି। କେତେକ ଔଷଧ ଦୋକାନୀ ଫାର୍ମାସିଷ୍ଟ ପାଠ ପଢ଼ିଥିବା ବ୍ୟକ୍ତି ବିଶେଷଙ୍କ ଠାରୁ ସାର୍ଟିଫିକେଟକୁ ମାସିକ ଭଡ଼ା ସୂତ୍ରରେ ଆଣି ଦୋକାନ ଚଳାଉଥିବା ଜଣାଯାଇଛି। ଔଷଧ ଦୋକାନର ମାଲିକ କିଏ ଓ କାହା ନାମରେ ଫାର୍ମାସିଷ୍ଟ ସାର୍ଟିଫିକେଟ ଅଛି, ଔଷଧ ବିତରଣ କିଏ କରୁଛି ଏହା ତଦନ୍ତ ନିହାତି ଅପରିହାର୍ଯ୍ୟ ହୋଇପଡ଼ିଛି। ପଶ୍ଚିମବଙ୍ଗ ସୀମା ନିକଟବର୍ତ୍ତୀ ହୋଇଥିବାରୁ କଲିକତାର ବହୁ ନକଲି ଓ ନିଷିଦ୍ଧ, ଔଷଧ ଏଠାରେ ଉପଲବ୍ଧ ହେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ କିଛି ଅସାଧୁ ଔଷଧ ବ୍ୟବସାୟଙ୍କ ଯୋଗୁଁ ରୋଗୀ ମରଣ ମୁହଁକୁ ଠେଲି ହୋଇଯିବା ନିଶ୍ଚିତ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଜଳେଶ୍ୱର ବ୍ଲକ ଅଞ୍ଚଳରେ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ମରୁଡ଼ି, ଔଷଧ ନିଅଣ୍ଟ ଯୋଗୁଁ ଘରୋଇ ଚିକିତ୍ସାଳୟ ଓ ଔଷଧ ଦୋକାନ ଗୁଡ଼ିକ ସ୍ୱେଚ୍ଛାଚାରୀ ହୋଇଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଔଷଧାଳୟରେ ନିୟମିତ ଚଢ଼ଉ କରି ଔଷଧ ଠୁଳର ମାନ ସମୟସୀମା ଓ ଆବଶ୍ୟକ କାଗଜପତ୍ର ଯାଞ୍ଚ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଡିଓଙ୍କୁ ଭେଟିଲେ ବ୍ଲକ୍ କଳାକାର ସଂଘ

**ରୂପସା, ୧୫।୧୧(ସମିସ):** କଳାକାରଙ୍କୁ ଭତ୍ତା ପ୍ରଦାନ କରାଯିବା ନେଇ ୨୦୨୧ ମସିହାରେ ସରକାର ଘୋଷଣା କରିବା ପରେ ବସ୍ତା ବ୍ଲକର ୭୫ଟି ଦଳର ୬୧୨ ଜଣ କଳାକାର ପଞ୍ଜିକୃତ ହୋଇ ଅଦ୍ୟାବଧି କଳାକାର ଭତ୍ତା ପାଇ ଆସୁଛନ୍ତି। ମାତ୍ର ରହିଯାଇଥିବା କଳାକାରଙ୍କୁ ଚୟନ କରି ସେମାନଙ୍କୁ ପଞ୍ଜିକୃତ କରାଇ କଳାକାରର ମାନ୍ୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ସୋମବାର କଳାକାର ସଂଘର ଏକ ପ୍ରତିନିଧି ଦଳ ନୂତନ ବିଡିଓ ମୋହିନୀ କୁମାର ନାଏକଙ୍କୁ ଭେଟି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ରହିଯାଇଥିବା ଅନ୍ୟ କଳାକାରଙ୍କୁ ଚୟନ କରି ସେମାନଙ୍କୁ ପଞ୍ଜିକୃତ କରାଇ କଳାକାରର ମାନ୍ୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏକ ବିବରଣୀ ପ୍ରଦାନ କରିଥିଲେ। ଏହି ସମୟରେ ସଂଘର ବ୍ଲକ ଉପ ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ସାଂଗଠନିକ ସମ୍ପାଦକ ରଘୁନାଥ ଦତ୍ତ, ସଂଗଠକ ଶରତ ଚନ୍ଦ୍ର ବାରିକ, ସଂଗଠନ ସଭାପତି ଭବାନୀରାଣୀ ବେହେରା, ରାଜେନ୍ଦ୍ର ରାଉଳ, ପର୍ଶୁରାମ ପରିଡ଼ା, କମଳାକାନ୍ତ ଚନ୍ଦ, ଅଶୋକ ସାହୁ, ନାରାୟଣ ପରିଡ଼ା, ପଞ୍ଚାନନ ଦାସ, ପ୍ରାଣବନ୍ଧୁ ମଣ୍ଡଳ, ଗୋପୀନାଥ ରାଉଳଙ୍କ ସମେତ ଅନ୍ୟ କଳାକାରମାନେ ଉପସ୍ଥିତ ଥିଲେ।

## ବାଇକ୍ ସହ ମଦ ଜବତ, ଚାରି ଗିରଫ



**ସୋର, ୧୫।୧୧(ସମିସ):** ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ବାଇକ ସହ ଦେଶୀ, ବିଦେଶୀ ମଦ ଜବତ କରିଥିବା ବେଳେ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୋର ଆଦର୍ଶ ଅବକାରୀ ଥାନା ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ଛକ ନିକଟରେ ଚଢ଼ଉ କରି ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଆସୁଥିବା ଏକ ନମ୍ବରବିହୀନ ବାଇକକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ବାଇକରେ ୧୫୦ ଲିଟର ଦେଶୀମଦ ଚାଲାଣ ହେଉଥିବା ଜାଣିପାରି ବାଇକ ସହ ମଦକୁ ଜବତ କରିବା ସହିତ ପଥରପେଣ୍ଠ ଗ୍ରାମର ତପନ ମଲିକକୁ ଗିରଫ କରିଥିଲେ। ସେହିପରି ଶିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମର ବିଷ୍ଣୁ ସିଂ ନିକଟରୁ ୩୮ ଲିଟର ଦେଶୀମଦ, ଗୋପୀନାଥପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମର ବୀରେନ୍ଦ୍ର ସିଂ ନିକଟରୁ ୫ ଲିଟର ବିଦେଶୀ ମଦ ଏବଂ ସେହି ଗ୍ରାମର ଲକ୍ଷ୍ମଣ ଜେନା ନିକଟରୁ ୩୦ ଲିଟର ଦେଶୀ ମଦ ଜବତ କରିଥିବା ବେଳେ ସମସ୍ତଙ୍କୁ ଗିରଫ କରିଥିଲେ।

**● ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଦାଦାଗିରି**

## 'ସକାଳ' ସାମ୍ବାଦିକଙ୍କୁ ଦୁର୍ବ୍ୟବହାର



**ବାଲେଶ୍ୱର, ୧୫।୧୧(ସମିସ):** ରାତି ପାହିଲେ ସବୁଠି ପାଳନ ହେବ ପ୍ରେସ୍ ଦିବସ। ହେଲେ ସାମ୍ବାଦିକଙ୍କୁ ସମ୍ମାନ ମିଳୁନି। କେତେବେଳେ ସାମ୍ବାଦିକ ଆକ୍ରମଣର ଶିକାର ହେଉଛନ୍ତି ତ କେତେବେଳେ ଧମକର। ସେହିପରି ବାଲେଶ୍ୱର ସହରରେ ଦୈନିକ ଖବରକାଗଜ 'ସକାଳ'ର ସହର ପ୍ରତିନିଧି ମୃତ୍ୟୁଞ୍ଜୟ ପଟ୍ଟନାୟକଙ୍କୁ ପୌରପାଳିକାର ଏନଫୋର୍ସମେଣ୍ଟ ଟିମ ଦାଦାଗିରି ଦେଖାଇବା ସହ ଦୁର୍ବ୍ୟବହାର କରିଛନ୍ତି। ଏଭଳି ଘଟଣା ବୁଧବାର ଦିନ ପୂର୍ବାହ୍ନ ୧୨ ଘଟିକା ସମୟରେ ଘଟିଛି। ଏଥିସହିତ ଏନଫୋର୍ସମେଣ୍ଟ ଟିମ୍ ଶ୍ରୀ ପଟ୍ଟନାୟକଙ୍କୁ ଧମକ ଦେବା ସହ ଟଣାଓଟରା କରିଛନ୍ତି। ଏହାକୁ ନେଇ ସାମ୍ବାଦିକ ମହଲରେ ଅସନ୍ତୋଷ ଦେଖାଦେଇଛି। ମିଳିଥିବା ସୂଚନା ଅନୁସାରେ, ବୁଧବାର ଦିନ ସାମ୍ବାଦିକ ମୃତ୍ୟୁଞ୍ଜୟ ପଟ୍ଟନାୟକ ଫାଣ୍ଡି ଛକ ନିକଟରେ ଏକ ଆଳୁ ପିଆଜ ଦୋକାନରୁ ପିଆଜ କିଣିବାକୁ ଯାଇଥିଲେ। ସେହି ସମୟରେ ପୌରପାଳିକାର ଏନଫୋର୍ସମେଣ୍ଟ ଟିମ୍ ପିଆଜ ଦୋକାନୀଙ୍କଠୁ ଏକ ହଜାର ଟଙ୍କା ଜରିମାନା କାଟିବାକୁ ଯାଇଥିଲେ। ହେଲେ ଗରିବ ଦୋକାନୀ ଜଣକ ଏତେ ଟଙ୍କା ଦେବା ପାଇଁ ଅକ୍ଷମତା ପ୍ରକାଶ କରିଥିଲେ। ତେବେ ମାନବିକତା ଦେଖାଇ ମୃତ୍ୟୁଞ୍ଜୟ ଜଣେ ଗରିବ ତଥା ଛୋଟ ପିଆଜ ଦୋକାନୀଙ୍କଠୁ ଏତେ ଟଙ୍କା ଜରିମାନା ନିଅନ୍ତୁ ନାହିଁ ବୋଲି କହିଥିଲେ। ଏତିକି କହିବା ପରେ ଏନଫୋସମେଣ୍ଟ ଟିମ୍ ମୃତ୍ୟୁଞ୍ଜୟଙ୍କ ସହ ଦୁର୍ବ୍ୟବହାର କରିବା ଆରମ୍ଭ କରିଥିଲେ। ଏଥିସହିତ ଦୋକାନୀଙ୍କ ଜରିମାନା ମୃତ୍ୟୁଞ୍ଜୟଙ୍କ ନାମରେ ଆଦାୟ କରିବାକୁ ଧମକାଇଥିଲେ। ଏଥିସହିତ ଟଣା ଓଟରା କରି ଉପଜିଲ୍ଲାପାଳଙ୍କ ପାଖକୁ ନେଇଯିବାକୁ ଧମକେଇ ଥିଲେ। ଏହାକୁ ନେଇ ମୃତ୍ୟୁଞ୍ଜୟ ଓ ଏନଫୋର୍ସମେଣ୍ଟ ଟିମ୍ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ହୋଇଥିଲା। ଏ ସମ୍ପର୍କରେ ଖବର ପାଇ ପ୍ରଥମେ ସାମ୍ବାଦିକ ହାଇଦର୍ ଖାନ୍, ରଞ୍ଜନ ବାଗ, ଲାଭା ପାଣ୍ଡେ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିବାରୁ ଏନଫୋର୍ସ ଟିମ୍ ଖସି ପଳାଇଥିଲେ। ଏ ସମ୍ପର୍କରେ ସାମ୍ବାଦିକମାନେ ବିଧାୟକ ସ୍ୱରୂପ କୁମାର ଦାସଙ୍କୁ କହିବାରୁ ସେ ଏ ସମ୍ପର୍କରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ।

## ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ ଶିବିର




**ନୀଳଗିରି, ୧୫।୧୧(ସମିସ):** ବୁଧବାର ଦିନ ୧୧ଟା ସମୟରେ ସ୍ଥାନୀୟ ଆରକେସିଏଟି ଇଞ୍ଜିନିୟରିଂ କଲେଜ ପରିସରରେ ଓଡ଼ିଶା କୋଠାବାଡ଼ି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ବାଲେଶ୍ୱର ଜିଲ୍ଲାପରିଷଦ ଅଧ୍ୟକ୍ଷ ଅନନ୍ତ ପ୍ରଧାନ, ସ୍ଥାନୀୟ ବିଧାୟକ ଇଂ ସୁକାନ୍ତ ନାୟକ, ଏନଏସି ଅଧ୍ୟକ୍ଷା ଅମ୍ବିକା ଦାସ, ୧୩ନଂ ଜିଲ୍ଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ ଉଦଘାଟନ କରିଥିଲେ। ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ଦୀପ୍ତିରଞ୍ଜନ ସାହୁ ପ୍ରାରମ୍ଭିକ ସୂଚନା ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଶିବନାରାୟଣ ସାହୁ ଶିବିର ଆୟୋଜନର ଆଭିମୁଖ୍ୟ ଓ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଜନତାଙ୍କୁ ଅବଗତ କରିଥିଲେ। ଉଭୟ ନୀଳଗିରି ଏବଂ ଔପଦା ବ୍ଲକରୁ ମୋଟ ୩୮୫ଜଣଙ୍କ ମଧ୍ୟରୁ ୧୯୧ଜଣଙ୍କୁ ଶିକ୍ଷା ସହାୟତା ୨ ହଜାର ଟଙ୍କାରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ମୋଟ ୧୦ ଲକ୍ଷ ୭୬ ହଜାର ୨୦୦ ଟଙ୍କା, ବୈବାହିକ ସହାୟତା ୧୬୦ଜଣଙ୍କୁ ୪୦ ହଜାର ଟଙ୍କାରୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ୮୨ ଲକ୍ଷ ୫୦ହଜାର ଟଙ୍କା, ମାତୃତ୍ୱ ସହାୟତା ୮ ଜଣଙ୍କୁ ୧୦ ହଜାର ଟଙ୍କା ହିସାବରେ ୮୦ ହଜାର, ମୃତ୍ୟୁଜନିତ ସହାୟତା ସାଧାରଣ ମୃତ୍ୟୁ ପଞ୍ଜିକୃତଙ୍କ ପାଇଁ ୨ଲକ୍ଷ ଏବଂ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ ପାଇଁ ୪ ଲକ୍ଷ ହିସାବରେ ୧୨ ଜଣ ହିତାଧିକାରୀଙ୍କୁ ୨୩ ଲକ୍ଷ ଟଙ୍କା ତତ୍ ସଙ୍ଗେ ସଙ୍ଗେ ଶୁଦ୍ଧିକ୍ରିୟା ନିମିତ୍ତ ୮ ଜଣକୁ ୫ହଜାର ଟଙ୍କା ହିସାବରେ ମୋଟ ୪୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ବଳରାମପୁର, ୧୫।୧୧(ସମିସ):** ଗତକାଲି ସନ୍ଧ୍ୟା ୬ଟା ୩୦ ସମୟରେ ବାଲିଆପାଳ ଥାନା ଅଞ୍ଚଳରେ ଏକ ସଡ଼କ ଦୁର୍ଘଟଣାରେ ମଧୁପୁରା ପଞ୍ଚାୟତ ବଡ ସିମୁଳିଆ ଗ୍ରାମର ସ୍ୱର୍ଗତ ପଦ୍ମଲୋଚନ ପାଳଙ୍କ ପୁତ୍ର ହିମାଂଶୁ ପାଳ (୨୮)ଙ୍କ ମୃତ୍ୟୁ ହୋଇଛି। ସିମୁଳିଆରୁ ଲଙ୍ଗଳେଶ୍ୱରକୁ ଆସୁଥିବା ରାସ୍ତାରେ ବାସୁଦେବପୁର ଆମ୍ବ ବଗିଚା ପାଖରୁ କିଛି ଦୂରରେ ବିପରୀତ ଦିଗରୁ ଆସୁଥିବା ପଇଡ଼ ବୋଝେଇ ଗାଡି ହିମାଂଶୁଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକମାନେ ଇଡ଼କୋ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ହିମାଂଶୁଙ୍କ ମୃତ୍ୟୁ ଘଟିଥିଲା।

## ଅନୁକୂଳ ମନ୍ଦିରର ଅନ୍ତେବାସୀଙ୍କୁ ଭୁଜାଲି ମାଡ଼

**ଜଳେଶ୍ୱର, ୧୫।୧୧(ସମିସ):** ଅନୁକୂଳ ମନ୍ଦିରର ଅନ୍ତେବାସୀଙ୍କୁ ଭୁଜାଲି ମାଡ଼। ଭୁଜାଲି ମାଡ଼ କରି ଦୁର୍ବୃତ୍ତ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ ଆଜି ରାତି ୮ଟା ସମୟରେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅନୁକୂଳ ଚନ୍ଦ୍ର ମନ୍ଦିରର ଅନ୍ତେବାସୀ କୃଷ୍ଣ ଜେନା ୫ବର୍ଷ ଧରି ଅନ୍ତେବାସୀ ଭାବେ ରହି ଆସୁଛନ୍ତି। ହେଲେ ଆଜି ସନ୍ଧ୍ୟାରେ ଦୁଇଜଣ ଦୁର୍ବୃତ୍ତ ଜଳେଶ୍ୱର ପଟୁ ଚାଲି ଚାଲି ଆସି ତାଙ୍କୁ ହଠାତ ଭୁଜାଲି ମାଡ଼ କରି ଫେରାର ହୋଇଯାଇଛନ୍ତି। କେଉଁ କାରଣରୁ ଆକ୍ରମଣ ହୋଇଛି ଜଣାପଡ଼ିନାହିଁ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଆହତ କୃଷ୍ଣ ଚନ୍ଦ୍ରଙ୍କ ଘର ପଶ୍ଚିମବଙ୍ଗ ମେଦିନୀପୁର ଅଞ୍ଚଳର ବୋଲି ଜଣାପଡ଼ିଛି।

## କଂଗ୍ରେସ ପକ୍ଷରୁ ବିର୍ସା ମୁଣ୍ଡା ଜୟନ୍ତୀ

**ଜଳେଶ୍ୱର/ରାଇବଣିଆ, ୧୫।୧୧(ସମିସ):** ମହାନ ବିପ୍ଳବୀ, ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀଙ୍କ ଜନନେତା ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ କଂଗ୍ରେସ ପକ୍ଷରୁ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଆଦିବାସୀ ନାଚ ଗୀତ ଆୟୋଜିତ ହୋଇଥିଲା। ଜଳେଶ୍ୱର ବ୍ଲକ ଖୁଦିଆ ମାଝୀସାହି ପଞ୍ଚାୟତ ଆଡିଆସାହି ଗ୍ରାମଠାରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଦଳର ନେତା ତଥା ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ସ୍ଥାନୀୟ ଆଦିବାସୀ ଭାଇ ଭଉଣୀମାନେ ଆଦିବାସୀ ବାଦ୍ୟ ସହିତ ନୃତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ନେତା ସୁକୁମାର ପ୍ରଧାନ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ହେମନ୍ତ ଗିରି, କୃଷକ ନେତା ସୁଦାମ ଚରଣ ପାତ୍ର, ମାର୍କଣ୍ଡ ବସ୍କେ, ବିଶ୍ୱଜିତ୍ ଦାସ, ରାଜେଶ ସାସମଲ, ପୁଲିନ ବିହାରୀ ଘୋଷ, ସୁଶାନ୍ତ ପାଣି, ଶଶାଙ୍କ ଦଣ୍ଡପାଟ, ଭୀମ ମାରାଣ୍ଡି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ବିଦ୍ୟାଳୟରେ ଅବସର ସମ୍ବର୍ଦ୍ଧନା

**ସୋର, ୧୫।୧୧(ସମିସ):** ସୋର ପୌରପାଳିକା ଅନ୍ତର୍ଗତ ରାଧାନାଥ ସରକାରୀ ଉଚ୍ଚ ବିଦ୍ୟାପୀଠରେ ପୋଷାକ ବିତରଣ ମେଳା ଏବଂ ଶିକ୍ଷା କର୍ମଚାରୀ ଜଗବନ୍ଧୁ ପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟର ପ୍ରଧାନଶିକ୍ଷକ ଧନେଶ୍ୱର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥିଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ନବମ ଏବଂ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟନ କରିଥିଲେ। ପରେ ଅବସର ଗ୍ରହଣ କରିଥିବା ଶିକ୍ଷା କର୍ମଚାରୀ ଶ୍ରୀ ପାତ୍ରଙ୍କୁ ଉପଢୌକନ, ମାନପତ୍ର ଏବଂ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ପୁରାତନ ଶିକ୍ଷକ ଅଶୋକ ମହାନ୍ତି, ଅଭିମନ୍ୟୁ ପଣ୍ଡା, ଶଙ୍କର ବାନାର୍ଜୀ, ପୁରାତନ କମିଟି ସଦସ୍ୟ ସନ୍ତୋଷ ମହାନ୍ତି, ଶିଖର ବାନାର୍ଜୀ, ଅବଦୁଲ ଉଦ୍ଦୁତ ଖାନ, ତାପସ ଜେନା, ଡ.ଗଣପତି ସାହୁ, ରତ୍ନାକର ପାତ୍ର, ଗୀତାଞ୍ଜଳି ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

## ଉଦ୍ୟାନ ବିଭାଗ କାର୍ଯ୍ୟାଳୟରୁ ଚୋରି

**ରୂପସା, ୧୫।୧୧(ସମିସ):** ବସ୍ତା ବ୍ଲକ ପରିସରରେ ଥିବା ସହକାରୀ ଉଦ୍ୟାନ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚୋରି ହୋଇଛି। ଦୁର୍ବୃତ୍ତମାନେ କାର୍ଯ୍ୟାଳୟର ଆଗପଟ ଦୁଆରର ତାଲା ଭାଙ୍ଗି ଭିତରେ ପଶିବା ସହିତ ଏକ କମ୍ପ୍ୟୁଟର ଚୋରି କରିନେଇଛନ୍ତି। ସକାଳେ ଅଫିସକୁ ଆସିବା ପରେ ଘଟଣା ସମ୍ପର୍କରେ କର୍ମଚାରୀମାନେ ଜାଣିବାକୁ ପାଇଥିଲେ। ଉଦ୍ୟାନ ବିଭାଗର ଓଭରସିୟର୍ ଶେଖ ରହିମ ଘଟଣା ସମ୍ପର୍କରେ ବସ୍ତା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଛି। ତେବେ ଗତ ଅକ୍ଟୋବର ମାସରେ ମଧ ଚୋରମାନେ ଭିତରେ ପଶି ଏକ କମ୍ପ୍ୟୁଟର ଚୋରାଇ ନେଇଥିଲେ।

## ପାଠ୍ୟ ପସାମଗ୍ରୀ ଓ ମିଠା



**ଜଳେଶ୍ୱର ସହର/ବ୍ଲକ, ୧୫।୧୧(ସମିସ):** ଉତ୍କଳ ଜନନୀ ସେବା ସଂଗଠନ ପରିବାର ତରଫରୁ ଗତକାଲି ପବିତ୍ର ଶିଶୁ ଦିବସ ଅବସରରେ ସରସିଦା ଆନନ୍ଦାୟନ କନ୍ୟାଶ୍ରମରେ ସମସ୍ତ ଛାତ୍ରୀମାନଙ୍କୁ ନେଇ କେକ କାଟିବା ସହିତ ପିଲାମାନଙ୍କ ନିମନ୍ତେ ମିଠା, ପାଠ୍ୟ ସାମଗ୍ରୀ ଏବଂ ଫଳ ପ୍ରଦାନ କରାଯାଇଛି। ସଂଗଠନର ସଭାପତି ହେମନ୍ତ ଜେନା, ସମ୍ପାଦକ ଗଗନ ବିହାରୀ ସାହୁ, ଉପଦେଷ୍ଟା ଗଣେଶ ଚନ୍ଦ୍ର ଜେନା, ସତ୍ୟନାଥ ଦାସ, ସତ୍ୟବ୍ରତ ପଣ୍ଡା, ସୁମତି ସାହୁ, ଧରଣୀ ଜେନା, ବିବେକ ଜେନା, ବଳଭଦ୍ର ନନ୍ଦ, ସତ୍ୟରଞ୍ଜନ ବେଜ, ଉମେଶ ଚନ୍ଦ୍ର ଜେନା, ରଞ୍ଜିତ ଘଡାଇ, କାର୍ତ୍ତିକ ମଲ୍ଲିକ, ରାକେଶ ସେନାପତି ପ୍ରମୁଖ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସଂଗଠନର ଏତାଦୃଶ୍ୟ କାର୍ଯ୍ୟକ୍ରମକୁ ଆନନ୍ଦାୟନ କନ୍ୟାଶ୍ରମର ପ୍ରତିଷ୍ଠାତା ପ୍ରଶଂସା କରିବା କରିବା ସହିତ ଧନ୍ୟବାଦ୍ ଜଣାଇଥିଲେ।

# ୧୧ ବର୍ଷ ପରେ ଫେରିପାଇଲେ ନିଜର ସମ୍ପତ୍ତି



**ରାଜଘାଟ, ୧୫।୧୧(ସମିସ):** ବସ୍ତା ବ୍ଲକ ନଟାକଟା ପଞ୍ଚାୟତ ଅନ୍ତର୍ଗତ ଅମର୍ଦ୍ଦାରୋଡ଼ ରାଜସ୍ୱ ନିରୀକ୍ଷକଙ୍କ ଅଧୀନ ବସନ୍ତପୁର ମୌଜାର ଜଣେ ବ୍ୟକ୍ତି ଦୀର୍ଘ ୧୧ ବର୍ଷ ପରେ ନିଜର ସମ୍ପତ୍ତି ଫେରି ପାଇଛନ୍ତି। ସୂଚନାରୁ ପ୍ରକାଶ ଏହି ପଞ୍ଚାୟତର ବସନ୍ତପୁର ଗ୍ରାମର ୩ ଭାଇ ଶ୍ରୀପତି ସାହୁ, ରାଧାଗୋବିନ୍ଦ ସାହୁ, ବସନ୍ତ ସାହୁ ଓ ୪ ଭଉଣୀ ସରସ୍ୱତୀ ସାହୁ, ସୁପ୍ରଭା ସାହୁ, ପ୍ରତିଭା ସାହୁ ଏବଂ ପ୍ରତିମା ସାହୁଙ୍କର ବସନ୍ତପୁର ମୌଜାରେ ୬୬୨, ୬୬୬ ଓ ୬୭୯ ନମ୍ବରରେ ୩ଟି ସଂଯୁକ୍ତ ପ୍ଲଟ ରହିଛି। ଯାହାକି ପରବର୍ତ୍ତୀ ସମୟରେ ପ୍ଲଟ ଗୁଡ଼ିକ ମାପଚୁପ ସହ ସୀମା ନିର୍ଦ୍ଧାରଣ କରାଯାଇ ସମସ୍ତଙ୍କ ମଧ୍ୟରେ ଭାଗବଣ୍ଟା ହୋଇଥିଲା। ମାପ ସମୟରେ ପୁରୁଣା ବାସଗୃହର କିଛି ଅଂଶ ରାଧାଗୋବିନ୍ଦ ଓ ବସନ୍ତଙ୍କ ଭାଗରେ ପଡ଼ିଥିଲା। ରାଧାଗୋବିନ୍ଦ ସମୟାନୁକ୍ରମେ ପୁରୁଣା ଘରର ନିର୍ଦ୍ଧାରିତ ଅଂଶକୁ ଭାଙ୍ଗି ନେଇଥିବା ବେଳେ ବସନ୍ତଙ୍କ ଅଂଶରେ ଶ୍ରୀପତି ରହୁଥିବାରୁ ସେ ଭାଙ୍ଗିବା ପାଇଁ ଦେଇ ନ ଥିଲେ ଓ ଜୋରଜବରଦସ୍ତ ସେଠାରେ ରହି ଆସୁଥିଲେ। ଯାହାକି ପରବର୍ତ୍ତୀ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ସହ ଉଭୟଙ୍କ ମଧ୍ୟରେ ଝଗଡ଼ା ଲାଗି ରହିଥିଲା। ଯାହା ଫଳରେ ବସନ୍ତ ୨୦୧୨ ମସିହାରେ କୋର୍ଟର ଆଶ୍ରୟ ନେଇଥିଲେ। ଦୀର୍ଘ ୧୧ ବର୍ଷ ପରେ ଉକ୍ତ ଜାଗାରୁ ଜବରଦଖଲ ହଟାଇବା ପାଇଁ ଆଦେଶ ମିଳିଥିଲା। ଏଣୁ କୋର୍ଟଙ୍କ ଆଦେଶମୂଳେ ଆଜି ଜିଲ୍ଲା ସିଭିଲ କୋର୍ଟର କମିସନର ଚନ୍ଦ୍ରମାଧବ ମିଶ୍ର, ଜିଲ୍ଲା ବିଚାରପତିଙ୍କ କାର୍ଯ୍ୟାଳୟର ପ୍ରସେସ ସର୍ଭର ବଳରାମ ସାହୁ ଉପସ୍ଥିତ ରହି ଉକ୍ତ ଜାଗାରୁ ପୁରୁଣା ଘରକୁ ଜେସିବି ସାହାଯ୍ୟରେ ଭଙ୍ଗାଯାଇ ଅନ୍ୟ ପ୍ଲଟଗୁଡିକ ମଧ୍ୟରୁ ବସନ୍ତଙ୍କ ଅଂଶକୁ ମାପଚୁପ କରି ସରକାରୀ ନିୟମାନୁଯାୟୀ ନାଲି ପତାକା ପୋତି ସୀମା ନିର୍ଦ୍ଧାରଣ କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ବସ୍ତା ପୁଲିସ ଟିମ୍ ମୁତୟନ ହୋଇଥିଲେ। ଦୀର୍ଘ ୧୧ ବର୍ଷର ସଂଗ୍ରାମ ପରେ ନିଜର ଜମି ଅଂଶ ଫେରିପାଇ ଖୁସି ବ୍ୟକ୍ତ କରିଛନ୍ତି ବସନ୍ତ।



ଖୋଲିଲା ରହସ୍ୟ

## ଶଙ୍କରପଲା ଟ୍ରିପଲ୍ ମର୍ଡର

# ବାପା ହୋଇପାରିଲେନି ବୋଲି...

ଦୀର୍ଘଦିନ ଧରି ଦାରିଦ୍ର୍ୟର ବୋଝ ବୋହି ଆସୁଥିବା କଳାହାଣ୍ଡି ଜିଲ୍ଲା କ୍ରମେ ଏଭଳି କଳଙ୍କରୁ ମୁକ୍ତ ହୋଇଛି । ଏପରିସ୍ଥଳେ ଏବେ କିନ୍ତୁ ଗୁଣିଗାରେଡ଼ିର ଫାଶରୁ ମୁକୁଳିପାରିନି ଜିଲ୍ଲା । ଏକବିଂଶ ଶତାବ୍ଦୀରେ ଆମେ ପହଞ୍ଚିଥିଲେ ବି ଅନ୍ଧବିଶ୍ୱାସ ଓ ଗୁଣିଗାରେଡ଼ିରେ ପଡ଼ି ଜିଲ୍ଲାର ଅନେକଙ୍କ ଜୀବନ ଯାଉଛି । କିଭଳି ଏଭଳି ଏକ ସମ୍ବେଦନଶୀଳ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ନିକଟରେ ପୁଲିସ ପହଞ୍ଚିପାରିଲା ସେ ସମ୍ପର୍କରେ ସ୍ୱତନ୍ତ୍ର ଉପସ୍ଥାପନା ।

ଭବାନୀପାଟଣାରୁ ସ୍ୱାଧୀନ ପାତ୍ରଙ୍କ ରିପୋର୍ଟ

୨୦୨୩ ଅକ୍ଟୋବର ମାସ ୧ ତାରିଖ ସନ୍ଧ୍ୟା । ଜୁନାଗଡ଼ ଥାନାବାବୁ ନିଜ ଚାମ୍ବରରେ କୌଣସି ଏକ ମାମଲାରେ ବ୍ୟସ୍ତଥାଆନ୍ତି ହଠାତ ମୋବାଇଲ ରିଂ ହେଲା । କଲ୍ କରିଥିବା ବ୍ୟକ୍ତି ଜଣକ ଚିହ୍ନା ଜଣା ହୋଇଥିବାରୁ ଜୁନାଗଡ଼ ଥାନା ଅଧିକାରୀ କଥାହୋଇ ପ୍ରଥମେ ଟେବୁଲରେ ଥିବା ପାଣି ଗ୍ଲାସରୁ କିଛି ପିଇ ସିଧା ବାହାରିଗଲେ । ମୋବାଇଲକୁ ଫୋନ କାଲରେ କେବଳ ସୂଚନାଥିଲା ଯେ ବୁଢ଼ୀପଦର ପଞ୍ଚାୟତର ଶଙ୍କରପଲା ଗାଁ ରାସ୍ତାରେ କିଏ ୩ଜଣଙ୍କୁ ହତ୍ୟାକରିଛି । ରାସ୍ତା ଉପରେ ଶବ ତିନୋଟି ପଡ଼ିଥିବାରୁ ସ୍ଥାନୀୟ ଲୋକ ଭୟଭୀତ ଅବସ୍ଥାରେ ଅଛନ୍ତି । ତତ୍କ୍ଷଣାତ ଜୁନାଗଡ଼ ଥାନା ଅଧିକାରୀ ଶେଷଦେବ ବେହେରା ପୁଲିସ କର୍ମଚାରୀଙ୍କ ସମେତ ଘଟଣାସ୍ଥଳକୁ ବାହାରି ପଡ଼ିଥିଲେ ଏବଂ ଦେଖିବାକୁ ପାଇଥିଲେ ତିନିଜଣଙ୍କୁ ହତ୍ୟା କରାଯାଇଛି । ପୁଲିସ ପ୍ରଥମେ କ'ଣ କରିବ କିଛି ସ୍ଥିର କରି ପାରି ନ ଥିଲା । କଳାହାଣ୍ଡି ଏସ୍ପିଙ୍କୁ ଖବର ଦେବା ସଙ୍ଗେ ସଙ୍ଗେ ଧର୍ମଗଡ଼ ଏସ୍ଡିପିଓଙ୍କୁ ଜଣାଇ ଦେଇଥିଲେ ଥାନା ଅଧିକାରୀ । ରାତିର ଅନ୍ଧାର କ୍ରମେ ବହଳ ହେବାରେ ଲାଗିଛି ।

ଚାରିଆଡ଼େ ଖାଲି ଅନ୍ଧାର । ପୁଲିସର ଚେଷ୍ଟା ସତ୍ତ୍ୱେ ହତ୍ୟାକାଣ୍ଡ ସମ୍ପର୍କରେ କେହି ପଦେ କହିବାକୁ ସାହାସ କରୁନାହାନ୍ତି । ଜଣେ ମହିଳା ଆଉ ଜଣେ ଶିଶୁ ଏବଂ ବୟସ୍କ ବ୍ୟକ୍ତିଙ୍କ ଶବ ପଡ଼ି ରହିଥିଲା । ରକ୍ତରେ ଭିଜିଛି ପିନ୍ଧା ଲୁଗାପଟା । ପୁଲିସ କାହାକୁ ସନ୍ଦେହ ସନ୍ଦେହ କରିବ? ଟ୍ରିପଲ ମର୍ଡର ମଧ୍ୟରେ ଦୁଇ ବର୍ଷର ନିଷ୍ପାପ ଶିଶୁଟିଏ ଅଛି । ଶିଶୁଟି କି ଦୋଷ କରିଥିଲା ସେ କ'ଣ କାହାର ଶତ୍ରୁ ହୋଇପାରେ କି ବୋଲି ପୁଲିସ ଅନୁସନ୍ଧାନକୁ ନିଜେ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରି ନ ଥିଲା । ରାତିରେ ସାଇଣ୍ଟିକଫିକ୍ ଟିମ ଆସିଲେ କିନ୍ତୁ କିଛି ସୁଫଳ ମିଳି ନ ଥିଲା । ସକାଳେ ସନ୍ଧାନୀ କୁକୁର ଆସି ଯେତେବେଳେ ମହେନ୍ଦ୍ର ଘରପଟକୁ ବାରମ୍ବାର ଯାଇଥିଲା ପୁଲିସର ସନ୍ଦେହ ଧୀରେ ଧୀରେ ଦୃଢ଼ ହେବାରେ ଲାଗିଲା । ବୁଦ୍ଧିମତ୍ତାର ସହ ପୁଲିସ ତଦନ୍ତ ପ୍ରକ୍ରିୟାକୁ ଜୋର୍ଦାର କରି ଶେଷରେ ଅଭିଯୁକ୍ତ ନିକଟରେ ପହଞ୍ଚି ପାରିଥିଲା ।

ଏହି ଟ୍ରିପଲ ମର୍ଡର ଘଟଣା ଘଟିଥିଲା ଗତ ୧ ତାରିଖ ସନ୍ଧ୍ୟା ସମୟରେ ଜୁନାଗଡ଼ ଥାନା ଅନ୍ତର୍ଗତ ବୁଢ଼ୀପଦର ପଞ୍ଚାୟତ ଶଙ୍କରପଲା ଗ୍ରାମରେ । ହତ୍ୟାକାରୀ ପ୍ରଥମେ ଦୁଇବର୍ଷର ନିଷ୍ପାପ ଶିଶୁକୁ ହତ୍ୟା କରିବା ସହ ମାଆକୁ ଛୁରି ଦ୍ୱାରା ମାରିଦେଇଥିଲା । କେବଳ ସେତିକି ନୁହେଁ ଅଳ୍ପ ଦୂରରେ



ଥିବା ଅନ୍ୟଜଣେ ବୟସ୍କ ବ୍ୟକ୍ତିଙ୍କୁ ମଧ୍ୟ ହତ୍ୟା କରିବାକୁ ରକ୍ତମୁଖା ରାକ୍ଷସରୂପୀ ହତ୍ୟାକାରୀର ମନରେ ଦୟା ଆସି ନ ଥିଲା । କିଛିଟା ମୁହୂର୍ତ୍ତରେ ଲୋଟିପଡ଼ିଲା ତିନୋଟି ଶବ । ଅଭିଯୁକ୍ତ ଚତୁରତାର ସହ ଚମ୍ପଟ ମାରିଥିଲା । ଗ୍ରାମବାସୀମାନେ ପୁଲିସକୁ ଖବର ଦେବା ପରେ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ମହେନ୍ଦ୍ର ମାଝୀଙ୍କୁ ଗିରଫ କରିଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଥିଲା ମୃତ୍ୟବରଣ କରିଥିବା ମହିଳା ହେଲେ ମହେନ୍ଦ୍ରର ନିଜ ଖୁଡ଼ୀ ରାଇମତୀ ମାଝୀ । ଶିଶୁ ପୁତ୍ରଟି ରାଇମତୀର ଦୁଇବର୍ଷର ପୁଅ । ଆଉ ବୃଦ୍ଧ ଜଣକ ସେହି ଗ୍ରାମର ପୂଜକ ମହେନ୍ଦ୍ର କୁମାର ବୋଲି ଜଣାପଡ଼ିଥିଲା । ରାଇମତୀର ସ୍ୱାମୀ ବ୍ରଜ ମାଝୀ ୯ ବର୍ଷ ପୂର୍ବରୁ ଏକ ହତ୍ୟାକାଣ୍ଡ ମାମଲାରେ ଭବାନୀପାଟଣା ଜେଲରେ ସଜା କାଟୁଛି । ପାରୋଲରେ ବ୍ରଜ ମାଝୀ ଗାଁକୁ ଆସିଥିଲା । ଏହି ସବୁ ମଧ୍ୟରେ ସେ କୌଣସି ଏକ ସୂତ୍ରରୁ ଜାଣିବାକୁ ପାଇଥିଲା ଯେ, ଖୁଡ଼ୀ ରାଇମତୀ ଗୁଣିଗାରେଡ଼ି କରୁଥିବା କାରଣରୁ ହତ୍ୟାକାରୀ ତା'ର ପତ୍ନୀର ଛୁଆପିଲା ହେଉନାହିଁ । ବାରମ୍ବାର ଗର୍ଭନଷ୍ଟ ବି ହୋଇଯାଉଛି । ବିବାହର ୭ ବର୍ଷ ପରେ ବି ମହେନ୍ଦ୍ର ବାପା ହେବାରୁ ବଞ୍ଚିତ ଥିଲା । ମୃତା ରାଇମତୀର ଶାଶୂଘର ଠାରୁ ବାପଘର ମାତ୍ର ୪୦୦ ମିଟର ଦୂରରେ ଅବସ୍ଥିତ । ଅନେକ ସମୟରେ ରାଇମତୀ ବାପ ଘରକୁ ଯାଇ ଭାଇ ଅନନ୍ତ ମାଝୀକୁ ହତ୍ୟାକାରୀ ମହେନ୍ଦ୍ର ମାଝୀ ଗାଳିଗୁଲଜ କରୁଥିବା ବିଷୟ କହୁଥାଏ । ହତ୍ୟାର ଅଳ୍ପଦିନ ପୂର୍ବରୁ ଅନନ୍ତ କୌଣସି ବାବାଜିକୁ ଡାକି ଘରେ ପୂଜାପାଠ କରିଥିଲେ । ନୂଆଖାଇ ପରଦିନ ଉଭୟ ପରିବାର ମଧ୍ୟରେ ଝଗଡ଼ା ହୋଇଥିଲା । ତେବେ ରାଇମତୀକୁ ଜୀବନରେ ମାରିଦେବା ପାଇଁ ସୁଯୋଗ ଅପେକ୍ଷାରେ ଥିଲା । ଗତ ଅକ୍ଟୋବର ୧ ତାରିଖ ସନ୍ଧ୍ୟାରେ ରାଇମତୀକୁ ତା' ପୁଅ ସହିତ ଗାଁ ଠାରୁ କିଛି ଦୂରରେ ଏକୁଟିଆ ଦେଖି ପୂର୍ବରୁ ଲୁଚାଇଥିବା ଛୁରି ଆଣି ଅତର୍କିତ ଆକ୍ରମଣ କରି ରାଇମତୀ ଓ ଦୁଇବର୍ଷର ପୁଅଙ୍କ ଜୀବନ ନେଇଯାଇଥିଲା । ସେଠାରେ ଅଳ୍ପ ଦୂରରେ ଠିଆ ହୋଇଥିବା ସେହି ଗାଁର ପୂଜକ ମହେନ୍ଦ୍ର କୁମାରକୁ ମଧ୍ୟ ଗଳାକାଟି ହତ୍ୟା କରିଥିଲା । ହତ୍ୟା କରିବା ପରେ ମହେନ୍ଦ୍ର ମାଝୀ ୪ ଦିନ ଧରି ତାରପୁର ପାଖ ଜଙ୍ଗଲରେ ଲୁଚି ରହିଥିଲା । ମହେନ୍ଦ୍ର ମାଝୀର ମୋବାଇଲ ସୁଇଚ ଅଫ୍ ଥିଲା । ଚାରିଦିନ ପରେ ମୋବାଇଲ ଚାଲିବା ପରେ ପୁଲିସ ଚତୁରତାର ସହ ଯାଇ ମହେନ୍ଦ୍ରକୁ କାବୁ କରିଥିଲା । ଏହି ଘଟଣା ସମଗ୍ର କଳାହାଣ୍ଡି ଜିଲ୍ଲାରେ ଚର୍ଚ୍ଚାର କାରଣ ପାଲଟିଥିଲା । ସେ ଯାହାହେଉ ଘଟଣା ଘଟିବାର ସପ୍ତାହେ ଭିତରେ ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା ଏବଂ ଧର୍ମଗଡ଼ ଏସ୍ଡିପିଓ ଧୀରଜ କୁମାର ଚୋପଦାର ଟ୍ରିପଲ ମର୍ଡର ଭଳି ଏକ ସଙ୍ଗିନ ମାମଲାର ଅଭିଯୁକ୍ତକୁ ଧରିବାରେ ସଫଳ ହୋଇଥିଲେ । କଳାହାଣ୍ଡି ଜିଲ୍ଲାରେ ଗୁଣିଗାରେଡ଼ିର କାୟା ବିସ୍ତାର କରି ଚାଲିଛି । ସାମାନ୍ୟ ସନ୍ଦେହରେ ବିଶ୍ୱାସ ତୁଚ୍ଛ ପାଲଟି ଯାଉଛି ।





## ତୃଣମୂଳସ୍ତରରେ ସଚେତନତା ଲୋଡ଼ା



ଡାହାଣୀ ଗୁଣିଆ ପରି ଏକ ମଧ୍ୟଯୁଗୀୟ ପ୍ରଥା ଆଜି ବି ଓଡ଼ିଶାରେ ରହିଛି । ଯେଉଁଥିପାଇଁ କି ଡାହାଣୀ ସନ୍ଦେହରେ ବର୍ଷକୁ ହାରାହାରି ୬୦ଜଣଙ୍କୁ ହତ୍ୟା କରାଯାଉଛି । ବହୁ ନିରୀହ ମହିଳାଙ୍କୁ ଡାହାଣୀ ଆରୋପକରି ଅକଥନୀୟ ନିର୍ଯାତନା ଦିଆଯାଉଥିବା ନଜିର୍ ରହିଛି । କେଉଁଠି ଅନେକଙ୍କୁ ସାମାଜିକବାସନ୍ଦ କରାଯାଉଛି ତ କେଉଁଠି ଗାଁରୁ ତଡ଼ି ଦିଆଯାଉଛି । ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ ଓ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଏହାର ବ୍ୟାପକ ପ୍ରଭାବ ରହିଛି । ଯାହା ସାମାଜିକ ଓ ଅର୍ଥନୈତିକ ପ୍ରଗତିରେ ପ୍ରତିବନ୍ଧକ ସାଜିଛି । 'ଓଡ଼ିଶା ଡାହାଣୀ ଚିହ୍ନଟ-ନିରାକରଣ ଆଇନ-୨୦୧୩' କୁ ସଠିକ ଭାବେ ଲାଗୁକରିବା, ରାଜ୍ୟ ସରକାରଙ୍କ କମ୍ପୋଜିଟ ଆକ୍ସନ ପ୍ଲାନରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା ଦାୟିତ୍ୱକୁ ବିଭାଗଗୁଡ଼ିକ ନିଷ୍ଠାରସହ ପାଳନକରିବା ଆବଶ୍ୟକ ରହିଛି । ତୃଣମୂଳ ସ୍ତରରେ ପଞ୍ଚାୟତ ପ୍ରତିନିଧି, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଶିକ୍ଷକ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ଅନ୍ତର୍ଭୁକ୍ତକରି ବ୍ୟାପକ ସଚେତନତା ଅଭିଯାନ କାର୍ଯ୍ୟକ୍ରମ କରାଯିବା ଆବଶ୍ୟକ ।

-ଦେବେନ୍ଦ୍ର ସୁତାର
ଆବାହକ
ଗୁଣିଗାରେଡ଼ି ମୁକ୍ତ ଓଡ଼ିଶା ଅଭିଯାନ



# ଅନ୍ଧବିଶ୍ୱାସରୁ ଗଡୁଛି ମୁଣ୍ଡ

ମଣିଷ ଜାତି ଶ୍ରେଷ୍ଠ ବୁଦ୍ଧିମାନ ପ୍ରାଣୀ ଭାବରେ ପରିଗଣିତ । ମଣିଷର ଦୈନନ୍ଦିନ ଜୀବନ ଶୈଳୀ କ୍ଷେତ୍ରରେ ବହୁତ ପରିବର୍ତ୍ତନ ଘଟିଛି । ବିଜ୍ଞାନ ଯୁଗର ବିଜ୍ଞ ମଣିଷ ଆଜି ମଧ୍ୟ ସମାଜରେ କେଉଁଠି ନା କେଉଁଠି ଅନ୍ଧବିଶ୍ୱାସରେ ବାନ୍ଧିହୋଇ ରହିଛେ । ଦିନକୁ ଦିନ ଡ଼ାହାଣୀ, ଗୁଣିଗାରେଡ଼ି ସନ୍ଦେହରେ ନିରୀହ ଲୋକଙ୍କ ଜୀବନ ଚାଲିଯାଉଛି ।

ବାରିପଦାରୁ ମନୋଜ କୁମାର ପଣ୍ଡାଙ୍କ ରିପୋର୍ଟ

## ଅନ୍ଧବିଶ୍ୱାସକୁ ବିଶ୍ୱାସ କାହିଁକି

ଧର୍ମ, ସଂସ୍କୃତି ଓ ପରମ୍ପରାର ଦ୍ୱାହି ଦେଇ ଗୁଣିଆମାନେ ସରଳ ଲୋକମାନଙ୍କ ମନରେ ଡାହାଣୀର କୁସଂସ୍କାର ଭରିବା ଦ୍ୱାରା ଆତ୍ମୀୟସ୍ୱଜନକୁ ହରାଇଥିବା ଅବସ୍ଥାରେ ପ୍ରତିଶୋଧ ପରାୟଣ ହୋଇ ଅପରାଧ କରିବାକୁ ଆଗେଇ ଆସୁଛନ୍ତି । ଏହି ଭଳି ଘଟଣା କେବଳ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ମଧ୍ୟରେ ପରିଲକ୍ଷିତ ହେଉଥିବାରୁ ଏଥି ନିମନ୍ତେ ସ୍ୱାସ୍ଥ୍ୟ ସଚେତନତାର ଅଭାବକୁ ମୁଖ୍ୟ କାରଣ ବୋଲି କୁହାଯାଇ ପାରିବ । ମୟୂରଭଞ୍ଜ ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ମୁଖ୍ୟତଃ ଏଥି ନିମନ୍ତେ ଦାୟୀ । ଆଦିବାସୀମାନେ ଆର୍ଥିକ ସ୍ୱଚ୍ଛଳ ନ ଥିବାରୁ ଘରୋଇ ଡାକ୍ତରଖାନା ନ ଯାଇ ଦୌଡ଼ି ଆସିଥାନ୍ତି ସରକାରୀ ଡାକ୍ତରଖାନା କିମ୍ବା ଗାଁ ଗହଳିରେ ଘୁରି ବୁଲୁଥିବା କ୍ୱାକ୍ମାନଙ୍କ ନିକଟକୁ । ଅନେକ ସମୟରେ ପାରମ୍ପରିକ ଭାବେ ସେମାନେ ସ୍ୱାସ୍ଥ୍ୟ ଚିକିତ୍ସା ଅପେକ୍ଷା ଗୁଣି ଗାରେଡ଼ି ପୂଜା ପାଠ ଉପରେ ଅଧିକ ବିଶ୍ୱାସ କରନ୍ତି । ନିକଟରେ ଏକ ମାତ୍ର ବିକଳ୍ପ ଓ ଶେଷ ଭରସା ହୋଇଥାଏ ଗୁଣିଆ । ଡ଼ାହାଣୀ ସନ୍ଦେହରେ ହତ୍ୟା କରାଯାଉଥିବା ଲୋକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ କୌଣସି ସହାୟତା ବା ଥଇଥାନ ବ୍ୟବସ୍ଥା ନାହିଁ । ଏହି ପ୍ରକାରର ଡାହାଣୀର ଆଖ୍ୟା ପାଇ ଅତି ଅମାନୁଷିକ ଭାବେ ହତ୍ୟା ସହିତ ଆକ୍ରମଣ ଓ ନିର୍ଯାତନାର ଶିକାର ହୋଇ ଆସୁଥିବା ବିଧବା, ବୃଦ୍ଧା ମହିଳାଙ୍କ ସଂଖ୍ୟା ସର୍ବାଧିକ ରହିଆସିଥବା ବେଳେ କୋହ୍ଲ ସମ୍ପ୍ରଦାୟ ମଧ୍ୟରେ ସର୍ବାଧିକ, ଏହାତଳକୁ ସାନ୍ତାଳ ସମ୍ପ୍ରଦାୟ ରହିଥିବାର ଜଣାପଡ଼ିଛି ।

## କେତୋଟି ଘଟଣା ଉପରେ ଦୃଷ୍ଟି

### ୨୦୧୧ ମାର୍ଚ୍ଚ ୨୭

▶ ମୟୂରଭଞ୍ଜ ଜିଲ୍ଲା ବିଜାତଳା ଥାନା ଅନ୍ତର୍ଗତ ବରାଝିଆଣି ଗାଁର ୨୫ ବର୍ଷର ଯୁବକ ଫକୀର ମୁର୍ମୁ ଡାହାଣୀ ସନ୍ଦେହରେ ୫୫ ବର୍ଷ ବୟସ୍କା ନିଜର ଖୁଡ଼ୀ କାପୁରା ମୁର୍ମୁଙ୍କୁ ଏକ କୁରାଢ଼ିରେ ହାଣି ହତ୍ୟା କରିଥିଲା । ଏହାପରେ ଖୁଡ଼ୀର କଟାମୁଣ୍ଡ ଧରି ଫକୀର ରାଇରଙ୍ଗପୁର ଥାନାରେ ଆତ୍ମସମର୍ପଣ କରିଥିଲା । ସେହିବର୍ଷ ମେ ୧୦ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ବିଶୋଇ ଥାନା ଅନ୍ତର୍ଗତ ରେଙ୍ଗାଲବେଢ଼ା ଗାଁରେ ମ୍ୟାଟ୍ରିକ୍ ପରୀକ୍ଷା ଦେଇଥିବା ସ୍କୁଲ ଛାତ୍ରୀ ଗୌରାଙ୍ଗୀ ମୁର୍ମୁ ନିଜ ବଡ଼ ଭଉଣୀର ଶାଶୂ ରତନୀ ମୁର୍ମୁଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ କଟାମୁଣ୍ଡକୁ ଏକ ସିଲଭର ଡେକ୍ଚି ମଧ୍ୟରେ ଭର୍ତ୍ତିକରି ଗାଁଠାରୁ ୩ କିଲୋମିଟର ଦୂରରେ ଥିବା ମଣଦା ଫାଣ୍ଡିରେ ଆସି ଆତ୍ମସମର୍ପଣ କରିଥିଲା । ଗୌରାଙ୍ଗୀର ମନରେ ଏକ ଅନ୍ଧ ବିଶ୍ୱାସ ଜମାଟ ବାନ୍ଧି ରହିଥିଲା ଯେ ରତନୀ ଗୋଟାଏ ଡାହାଣୀ । ତା'ର ଚକ୍ରାନ୍ତ ଯୋଗୁଁ ସେ ଗତବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ଫେଲ ହୋଇଥିଲା ଓ ତା'ର ପରିବାରର ଲୋକମାନେ ବାରମ୍ବାର ରୋଗରେ ପଡ଼ୁଛନ୍ତି । ରତନୀ ମୁର୍ମୁ ରେଙ୍ଗଲବେଢ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରୋଷେୟା ହୋଇଥିବାରୁ ସ୍କୁଲ ବାରଣ୍ଡାରେ ଶୋଇଥିବା ବେଳେ ତାଙ୍କୁ ହତ୍ୟା କରିଥିଲା ଗୌରାଙ୍ଗୀ । ଅଦାଲତରେ ଗୌରାଙ୍ଗୀର ବିଚାର ଶେଷ ହୋଇଯାଇଛି । ସେ ଏବେ ଜେଲର ଚାରି କାନ୍ଥ ମଧ୍ୟରେ ସଜା କଟାଉଛି । ଗୌରାଙ୍ଗୀ ପାଠପଢ଼ି ମଣିଷ ହେବାର ସ୍ୱପ୍ନ ଏବେ ସବୁ ଦିନ ନିମନ୍ତେ ସ୍ୱପ୍ନରେ ରହିଗଲା ।

▶ ଡାହାଣୀ ସନ୍ଦେହ କରି କୁଳିଅଣା ଥାନା ଅନ୍ତର୍ଗତ କାଠରମା ଗ୍ରାମର ଜଟିଆ ହେମ୍ବ୍ରମ(୩୦) ଦିନ ଦ୍ୱିପ୍ରହରରେ କୁରାଢ଼ି ଓ ପନିକି ଦ୍ୱାରା ନିଜର ଖୁଡ଼ୀ ରାଇମାତୀ ହେମ୍ବ୍ରମ(୪୫)ଙ୍କ ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଏକ ବ୍ୟାଗରେ ପୂରାଇ ଚାଲି ଚାଲି କୁଳିଅଣା ଥାନାରେ ଆତ୍ମସମର୍ପଣ କରିଥିଲା । ପୁଲିସର କହିବାନୁଯାୟୀ ସେମାନଙ୍କ ମଧ୍ୟରେ ଅନ୍ଧବିଶ୍ୱାସ ରହିଥିଲା ଯେ ଡ଼ାହାଣୀର ଦୁଷ୍ଟ ଦୃଷ୍ଟି କାରଣରୁ ସେମାନଙ୍କର ଉନ୍ନତି ହେଇନାହିଁ ଏବଂ ପରିବାର ସଦସ୍ୟମାନେ ବିଭିନ୍ନ ସମୟରେ ରୋଗରେ ପଡ଼ୁଛନ୍ତି ।

### ୨୦୧୧ ମାର୍ଚ୍ଚ ୨୫

▶ କରଞ୍ଜିଆ ଥାନାର ମିରିଗିନେଣ୍ଡି ଗ୍ରାମର ସୁନ୍ଦର କିସ୍କୁ ଓ କୁନା କିସ୍କୁ ଗୁଣିଗାରେଡ଼ି ସନ୍ଦେହରେ ନିଜର ସମ୍ପର୍କୀୟ କକା ସାନବିଦା କିସ୍କୁଙ୍କୁ ବେକରେ ଗାମୁଛା ଭିଡ଼ି ଅତି ଅମାନୁଷିକ ଭାବରେ ହତ୍ୟା କରିଥିବା ପୁଲିସ ଜାଣିବାକୁ ପାଇଥିଲା । ଅଭିଯୋଗ ରହିଥିଲା କୁଆଡ଼େ ଗୁଣିଗାରେଡ଼ି କରି ଗାଁର ବହୁ ଲୋକଙ୍କୁ ସାନବିଦା କିସ୍କୁ ମାରି ପକାଉଥିଲା ।

### ୨୦୧୪ ନଭେମ୍ବର ୮

▶ ବାରିପଦା ସଦର ଥାନା ଅନ୍ତର୍ଗତ ଶାମାଖୁଣ୍ଟା ବ୍ଲକ କେନ୍ଦୁଆ ଗ୍ରାମର ଭାନୁ ମାଝୀ ସେହି ଗ୍ରାମର ବୃଦ୍ଧା ଫୁଲମଣି ମାଝୀଙ୍କୁ ଘରେ ପଶି ପଥରରେ ଛେଞ୍ଚି ହତ୍ୟା କରିଥିବା ଅପରାଧରେ ପୁଲିସ ଦ୍ୱାରା ଗିରଫ ହୋଇଥିଲା । ଅଭିଯୋଗ ଥିଲା ଫୁଲମଣିର ଗୁଣିଗାରେଡ଼ି ଯୋଗୁଁ ଭାନୁ ମାଝୀର ପରିବାର ଲୋକେ ବାରମ୍ବାର ରୋଗରେ ପଡ଼ୁଛନ୍ତି ।

### ୨୦୧୪ ନଭେମ୍ବର ୧୧

▶ ଠାକୁରମୁଣ୍ଡା ଥାନା ଅନ୍ତର୍ଗତ କେନ୍ଦୁଜିଆଣି ପଞ୍ଚାୟତର ପାଢ଼ିଆରସାହିର ଦଶମା ଦଙ୍ଗ(୪୫) ସହିତ ତାଙ୍କର ଝିଅ ଦୁର୍ଗାଇ ଦଙ୍ଗଙ୍କୁ ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିଲା । ଅଭିଯୋଗ ଅନୁସାରେ ଅକ୍ଟୋବର ୨୬ ତାରିଖରେ ଉକ୍ତ ଗ୍ରାମର ଲକ୍ଷ୍ମୀନାରାୟଣ ଦଙ୍ଗଙ୍କ ଦୁଇ ବର୍ଷର



ଝିଅ ସୁଶୀଳାର ଦେହ ଖରାପ ହୋଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଗୁଣିଆ ଡାକି ଝିଅର ମୃତଦେହକୁ ପୂଜା କରାଯିବା ପରେ ଗୁଣିଆ ମାଣିକରାମ ପ୍ରକାଶ କରିଥିଲା ଯେ, ଦଶମା ଦଙ୍ଗ ଗୁଣିକରି ଝିଅ ସୁଶୀଳାକୁ ମାରି ଦେଇଛି । ତେଣୁ ଗୁଣିଆର କହିବା ଅନୁସାରେ ନିଜ ଝିଅ ମୃତ୍ୟୁର କାରଣ ସାଜିଥିବା ଦଶମା ଦଙ୍ଗକୁ ସୁବିଧା ସୁଯୋଗ ଦେଖି ଜୀବନରୁ ମାରି ଦେବା ସହିତ ତାର ଝିଅକୁ ମଧ୍ୟ ଲକ୍ଷ୍ମୀନାରାୟଣ ଅତି ଅମାନୁଷିକ ଭାବେ ଛୁରି ଓ ଦା' (ଧାନ କଟାରେ ବ୍ୟବହୃତ ଧାରୁଆ ଅସ୍ତ୍ର) ସାହାଯ୍ୟରେ ହତ୍ୟା କରିଥିଲା ।

### ୨୦୧୬ ଜୁଲାଇ ୩

▶ ୨୦୧୬ ଜୁଲାଇ ୩ରେ ବିଶୋଇ ଥାନା ବଣପୋଖରୀଆ ଗ୍ରାମର ଜିତରାୟ ସୋରେନଙ୍କ ସ୍ତ୍ରୀ ବାରମ୍ବାର ଅସୁସ୍ଥ ହେଉଥିବାରୁ ଉକ୍ତ ଗ୍ରାମର ନାରାୟଣ କିସ୍କୁ ଗୁଣିଗାରେଡ଼ି କରିଥିବା ଅଭିଯୋଗରେ ଜିତରାୟ ଅନ୍ୟ ଜଣେ ସହଯୋଗୀ ଦୁର୍ଗା ବେଶ୍ରା ସହାୟତାରେ ନାରାୟଣ କିସ୍କୁଙ୍କୁ ହତ୍ୟା କରି ନିକଟସ୍ଥ ଜୁଡ଼ିଆ ନାଳରେ ଫୋପାଡ଼ି ଦେଇ ଆସିଥିଲେ । ଉକ୍ତ ମାମଲାର ବିଚାର କରି ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଅଭିଯୁକ୍ତ ଜିତରାୟ ଓ ଦୁର୍ଗାଙ୍କୁ ଦୋଷୀ ସାବ୍ୟସ୍ତ କରାଇବା ସାଙ୍ଗକୁ ଆଜୀବନ କାରାଦଣ୍ଡର ରାୟ ଶୁଣାଇଥିଲେ ।





## ମୟୂରଭଞ୍ଜରେ ୬ ବର୍ଷରେ ୧୮୪ ମାମଲା, ୨୮ ଜଣଙ୍କୁ ହତ୍ୟା

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଏହି ଡାହାଣୀ ଓ ଗୁଣି ଗାରେଡ଼ି ସନ୍ଦେହରେ ହତ୍ୟା ଓ ନିର୍ଯାତନା ଦୈନନ୍ଦିନ କେଉଁଠି ନା କେଉଁଠି ଘଟିବାରେ ଲାଗିଥିବା ବେଳେ ଜିଲ୍ଲାର ଥାନା ଗୁଡ଼ିକରେ ମାମଲା ଓ ମୃତ୍ୟୁର ହାର କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ପ୍ରାପ୍ତ ସୂଚନା ଆଧାରରେ ବିଗତ ୬ବର୍ଷ ମଧ୍ୟରେ ଜିଲ୍ଲାରେ ବିଭିନ୍ନ ଥାନାଗୁଡ଼ିକରେ ୧୮୪ ମାମଲା ରୁଜୁ ହୋଇଥିବା ବେଳେ ୨୮ଜଣଙ୍କୁ ହତ୍ୟା କରାଯାଇଥିବାର ଜଣାଯାଇଛି । ଏହା ମଧ୍ୟରେ ୨୦୧୭ରେ ୨୬ଟି ମାମଲା ରୁଜୁ ହୋଇଥିବା ବେଳେ ୮ଜଣଙ୍କୁ ଡାହାଣୀ ଓ ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା କରାଯାଇଥିଲା । ସେହିପରି ୨୦୧୮ରେ ୧୭ଟି ମାମଲ ରୁଜୁହେବା ସହିତ ୭ଜଣଙ୍କ ଜୀବନ ଯାଇଛି । ୨୦୧୯ରେ ୨୬ଟି ମାମଲା ରୁଜୁ ହୋଇଥିବା ବେଳେ, ଜଣଙ୍କୁ ହତ୍ୟା କରାଯାଇଛି ।୨୦୨୦ରେ ୩୫ଟି ମାମଲା ରୁଜୁ ହୋଇଥିବା ବେଳେ, ୨ଜଣଙ୍କର ଜୀବନ ଯାଇଛି । ସେହିପରି ୨୦୨୧ରେ ୨୮ଟି ଓ ୨୦୨୨ରେ ୪୦ଟି ଓ ୨୦୨୩ରେ ଅକ୍ଟୋବର ୩୧ତାରିଖ ସୁଦ୍ଧା ୨୨ଟି ମାମଲା ରୁଜୁ ହୋଇସାରଲାଣି । ଅତୀତରେ ୨୦୨୧ରେ ୧୦ଟି, ୨୦୨୨ରେ ୮ଟି ଓ ୨୦୨୩ରେ ୫ଟି ହତ୍ୟାକାଣ୍ଡ ଘଟିଥିଲା ।

ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ଚାଉଳକୁ ବି ଛାଡ଼ିଲେନି

# ଆସୁଛି ୫୦ କେଜି, ମିଳୁଛି ୪୦ କେଜି

**ବାହାନଗା, ୧୫।୧୧(ରୁଚିକ ରଞ୍ଜନ ମହାପାତ୍ର):**

ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକର ସ୍କୁଲ ମାନଙ୍କରେ ମଧ୍ୟାହ୍ନ ଭୋଜନ ଚାଉଳର ହରିଲୁଟ। ୫୦ କେଜି ବସ୍ତାରେ ୪୦ରୁ ୪୫କେଜି ଦେଇ ୫୦ କେଜିର ପ୍ରାପ୍ୟ ରସିଦ ନେଉଛି ଯୋଗାଣକାରୀ ସଂସ୍ଥା। ସ୍କୁଲ, ବିଭାଗୀୟ ଅଧିକାରୀ ଏବଂ ଯୋଗାଣକାରୀ ସଂସ୍ଥାର ମଧୁଚନ୍ଦ୍ରିକାରେ ହେଉଛି ଲୁଟ। ସେପଟେ ଉପରିସ୍ଥ ଅଧିକାରୀଙ୍କୁ ଡରି ୪୦ରୁ ୪୫ କେଜି ଚାଉଳ ଥିବା ବସ୍ତାରେ ୫୦ କେଜି ଥିବା ଦର୍ଶାଇ ଗ୍ରହଣ କରିବାକୁ ବାଧ ହେଉଛନ୍ତି ବୋଲି ନାମ ଗୋପନ ରଖି ପ୍ରକାଶ କରୁଛନ୍ତି ସ୍କୁଲ କର୍ତ୍ତୃପକ୍ଷ। ଖବର ଅନୁସାରେ ଛାତ୍ରଛାତ୍ରୀ ସରକାରୀ ସ୍କୁଲକୁ ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିବା, ଭୋକିଲା ନ ରହିବା, ଅପପୃଷ୍ଟିର ଶିକାର ରୋକିବା ପାଇଁ ସରକାର ଏମଡିଏମ ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଯୋଜନା ମାଧ୍ୟମରେ ସ୍କୁଲକୁ ଆସୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନରେ ପୃଷ୍ଟିକର ଖାଦ୍ୟ ଏବଂ ଅଣ୍ଡା ସହ ରନ୍ଧାଖାଦ୍ୟ ଯୋଗାଇବାର ବ୍ୟବସ୍ଥା କରିଛନ୍ତି ସରକାର। ସ୍କୁଲମାନଙ୍କୁ ଚାଉଳ ଏବଂ ତରକାରୀ ପାଇଁ ଟଙ୍କା ଯୋଗାଉଛନ୍ତି ସରକାର। ବାଲେଶ୍ୱର ଜିଲ୍ଲାରେ ସମୁଦାୟ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୬୦୦ଟି ସ୍କୁଲ ରହିଥିବା ବେଳେ ସେଥିରେ ଥିବା ୨ ଲକ୍ଷ ୪୦ ହଜାର ପିଲା ପାଠପଢ଼ିବା ସହ ସ୍କୁଲରେ ମଧ୍ୟାହ୍ନ ଭୋଜନର ରନ୍ଧାଖାଦ୍ୟ ଖାଉଛନ୍ତି। ସେହିଭଳି ବାହାନଗା ବ୍ଲକରେ ସମୁଦାୟ ୧ରୁ ୮ ଶ୍ରେଣୀ ପର୍ଯ୍ୟନ୍ତ ୧୭୨ଟି ସ୍କୁଲରେ ୧୪ହଜାରରୁ ଅଧିକ ଛାତ୍ରଛାତ୍ରୀ ପାଠପଢ଼ିବା ସହ ମଧ୍ୟାହ୍ନଭୋଜନ



● ଶିକ୍ଷକ ଏବଂ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ କାଦୁଅ ଫିଙ୍ଗା।
● ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ - ଜିଲ୍ଲାପାଳ

ଖାଉଛନ୍ତି। ସରକାର ସମସ୍ତ ସ୍କୁଲମାନଙ୍କୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କ ମାଧ୍ୟମରେ ଚାଉଳ ଯୋଗାଉଛନ୍ତି। ସଠିକ ସମୟରେ ଚାଉଳ ଯୋଗାଇବା ପାଇଁ ପ୍ରତିବର୍ଷ ଟେଣ୍ଡର ଆହ୍ୱାନ କରାଯାଇ କଣ୍ଟ୍ରାକ୍ଟର ମଧ୍ୟ ଧାର୍ଯ୍ୟ କରାଯାଇଥାଏ। ସ୍କୁଲରେ ପ୍ରତି ତିନିମାସରେ ଥରେ ସ୍କୁଲର ଆବଶ୍ୟକ ମୁତାବକ ଚାଉଳ ଯୋଗାଯାଇଥାଏ। ଏପରିସ୍ଥଳେ ଚଳିତ ବର୍ଷ ମଧବାନନ୍ଦ ନାୟକ ଟେଣ୍ଡର ନେଇ ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକ ସମେତ ମ୍ୟୁନିସପାଲଟିରେ ଥିବା ସମସ୍ତ ସ୍କୁଲକୁ ଚାଉଳ ଯୋଗାଉଛନ୍ତି। ଗତ (ଜୁଲାଇ, ଅଗଷ୍ଟ ଏବଂ ସେପ୍ଟେମ୍ବର) ୩ ମାସରେ ବାଲେଶ୍ୱର ଜିଲ୍ଲାର ସ୍କୁଲ ମାନଙ୍କରେ ମଧ୍ୟାହ୍ନ ଭୋଜନ ବାବଦରେ ୨୨ ମେଟ୍ରିକ ଟନ ଚାଉଳ ଉଠିଛି। ଜିଲ୍ଲା ଯୋଗାଣ ଅଧିକାରୀଙ୍କ ନିକଟରୁ ବସ୍ତା ପ୍ରତି ୫୦ କେଜି ଉଠା ଯାଉଥିବା ବେଳେ ବାହାନଗା ବ୍ଲକରେ ବିଭିନ୍ନ ସ୍କୁଲରେ ୪୦ ରୁ ୪୫ କେଜି ଥିବା ବସ୍ତା ପହଞ୍ଚୁଛି। ଉପରିସ୍ଥ ଅଧିକାରୀଙ୍କୁ ଡରି ଦରମା ବନ୍ଦ ହୋଇଯିବା ଭୟରେ ସ୍କୁଲ ଶିକ୍ଷକମାନେ ବସ୍ତାରେ ୫୦ କେଜି ନ ଥିଲେ ମଧ୍ୟ ୫୦ କେଜି ଥିବାର ଦର୍ଶାଇ ଗ୍ରହଣ କରିବାକୁ ବାଧ ହେଉଛନ୍ତି ବୋଲି କିଛି ଶିକ୍ଷକ ନିଜ ନାମକୁ ଗୋପନ ରଖି ପ୍ରକାଶ କରିଛନ୍ତି। ଅନ୍ୟପଟେ ଯୋଗାଣକାରୀ ସଂସ୍ଥା ଚାଉଳ ଗାଡ଼ିରେ ଓଜନ କଣ୍ଟା ଆଣି ଓଜନ କରି ସ୍କୁଲମାନଙ୍କୁ ଦେବାର ଏବଂ ସ୍କୁଲ ମଧ୍ୟ ନିଜ ଓଜନ କଣ୍ଟାରେ ଓଜନ କରି ଗ୍ରହଣ କରିବାର ନିୟମ ରହିଥିବା ବେଳେ କେହି ଓଜନ କରୁନାହାନ୍ତି। ବସ୍ତାରୁ ଚାଉଳ ରାସ୍ତାରେ ବାଟମାରଣା କରାଯାଉଛି। ସେହିପରି ବାହାନଗା ଠାରେ ଏକ ଗୋଦାମ ଘରେ ବସ୍ତାରୁ ଚାଉଳ ଖୋଲାଯାଇ ରିପ୍ୟାକିଂ କରାଯାଉଥିବାର ଚର୍ଚ୍ଚା ହେଉଛି। ଦୀର୍ଘଦିନ ଧରି ଏଭଳି ଲୁଟ ଚାଲୁଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଚୁପ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏ ବାବଦରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଭା ମଞ୍ଜରୀ ଦାସଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇ ନ ଥିଲେ। ସେହିପରି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ନିରୋଦ ରଞ୍ଜନ ଦାସଙ୍କୁ ପଚାରିବାରୁ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ୫୦ କେଜି ଲେଖାଏଁ ଚାଉଳ ବସ୍ତା ଯୋଗାଇ ଦିଆଯାଇଥାଏ। ପରିବହନ ସମୟରେ ହୁଏତ କିଏ କିଛି କରୁଥାଇପାରେ ବୋଲି କହି ସଫେଇ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନ ଲୁଟ ଘଟଣା ବାବଦରେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ସହ ଯୋଗାଯୋଗ କରିବାରୁ ତାଙ୍କ ନିକଟରେ ଏ ସଂକ୍ରାନ୍ତରେ କୌଣସି ଅଭିଯୋଗ ହସ୍ତଗତ ହୋଇନାହିଁ, ଅଭିଯୋଗ ଆସିଲେ ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଗୁଆଁ ଖାଳ ପୁନରୁଦ୍ଧାର କାର୍ଯ୍ୟ ଶୁଭାରମ୍ଭ



**ବଳରାମପୁର/ବାଲିଆପାଳ, ୧୫।୧୧(ସମିସ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଞ୍ଚାୟତର ପଞ୍ଚରୁଖୀ ଠାରୁ ଜାମକୁଣ୍ଡା ପଞ୍ଚାୟତ ପର୍ଯ୍ୟନ୍ତ ଲମ୍ବିଥିବା ଗୁଆଁଖାଳର ପୁନରୁଦ୍ଧାର କାର୍ଯ୍ୟକୁ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ମଙ୍ଗଳାବର ପୂର୍ବାହ୍ନରେ ପଞ୍ଚରୁଖି ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଥିବା ପୋଲଠାରେ ଆନୁଷ୍ଠାନିକ ଭାବରେ ଖାଳର ପଙ୍କ ପୁନରୁଦ୍ଧାର କାର୍ଯ୍ୟର ଶୁଭ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟ ଶେଷ ହେଲେ ବାଲିଆପାଳ, ମଧୁପୁରା, ବିଷ୍ଣୁପୁର ପଞ୍ଚାୟତ ସହିତ ଜାମକୁଣ୍ଡା ପଞ୍ଚାୟତର ଚାଷ ଜମିରେ ଜମି ରହୁଥିବା ବନ୍ୟାଜଳ ଚାଷଜମିରେ ଜମି ନ ରହି ଠିକ ଭାବରେ ନିଷ୍କାସନ ହୋଇପାରିବ। ଫଳରେ ଚାଷର କ୍ଷତି ହେବନାହିଁ। ଏହି କାର୍ଯ୍ୟକ୍ରମରେ ବାଲିଆପାଳ ପଞ୍ଚାୟତ ସମିତିର ଅଧ୍ୟକ୍ଷା ରଞ୍ଜିତା ନାୟକ, ପର୍ବତ ଜିଲ୍ଲା ପରିଷଦ ରବୀନ୍ଦ୍ର ନାଥ ଅଣ୍ଡିଆ, ଡ୍ରେନେଜ୍ ବିଭାଗର ଏସଡିଓ ପାର୍ଥସାରଥୀ ଦାସ, ମଧୁପୁରା ପଞ୍ଚାୟତର ସରପଞ୍ଚ ଗୀତାରାଣୀ ମାହାନା, ପଞ୍ଚାୟତ ସମିତି ସଦସ୍ୟ ସୁଶାନ୍ତ ସେଠୀ, ସରପଞ୍ଚଙ୍କ ପ୍ରତିନିଧି ଲମ୍ବୋଦର ମାହାନା, ସୁଶାନ୍ତ ଗିରି, ଜାମକୁଣ୍ଡା ପଞ୍ଚାୟତ ସରପଞ୍ଚ କାଞ୍ଚନବାଳା ମାହାନା, ବିଷ୍ଣୁପୁର ପଞ୍ଚାୟତର ସରପଞ୍ଚ ମହେଶ୍ୱର ଜେନା, ମୃତ୍ୟୁଞ୍ଜୟ ନାୟକ, ବାଲିଆପାଳ ପଞ୍ଚାୟତର ସରପଞ୍ଚ ପ୍ରତିନିଧି ହେମନ୍ତ ଦାସ, ଘଣ୍ଟୁଆ ସରପଞ୍ଚ ସୁଶିଳ ପ୍ରଧାନ, ନିଖିରା ସରପଞ୍ଚ ଅଞ୍ଜନ ଗିରି, ଅନନ୍ତ ବିଶ୍ୱାଳ, ସଞ୍ଜୟ ପ୍ରଧାନ, ୱାର୍ଡସଦସ୍ୟ ଦୁର୍ଜୟ ପରିଡ଼ାଙ୍କ ସହିତ ବହୁ ୱାର୍ଡ ସଦସ୍ୟ, ସାମାଜିକ କର୍ମୀ, ଚାଷୀ ଓ ପଞ୍ଚରୁଖି ଗ୍ରାମବାସୀ ଉପସ୍ଥିତ ଥିଲେ।

## ବାଗୁଡ଼ି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



**ସୋର, ୧୫।୧୧(ସମିସ):** ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡିଠାରେ ଆୟୋଜିତ ହୋଇଥିବା ପ୍ରଥମବାର୍ଷିକ ବାଗୁଡି ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଅଧିବେଶନ କମିଟିର ସଭାପତି ଲକ୍ଷ୍ମୀନାରାୟଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥିଭାବେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓସାହେବ ସିନ୍ଦେ୍ଧ, ମୁଖ୍ୟବକ୍ତା ଭାବେ ବ୍ୟଙ୍ଗ କବି ଅନାଦି ଚରଣ ଜେନା, ବରେଣ୍ୟ ଅତିଥି ଭାବେ ଡ. ଲକ୍ଷ୍ମୀପ୍ରସାଦ ରାଉତ, ବିଶିଷ୍ଟ ପଥରଶିଳ୍ପୀ ଗୋଲକ ପାତ୍ର, ଅଜିତ ନାୟକ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କମିଟିର ସମ୍ପାଦକ ମୁକ୍ତିକାନ୍ତ ଘଡାଇ ବିବରଣୀ ପାଠ କରିଥିବା ବେଳେ ସୁବ୍ରତ କୁମାର ବାରିକ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାପାଳ, ବ୍ୟଙ୍ଗକବି ଅନାଦି ଚରଣ ଜେନା, ବୈଜ୍ଞାନିକ ପ୍ରଭଞ୍ଜନ ମଲିକ, ବାହାନଗା ରେଳ ଦୁର୍ଘଟଣାରେ ସେବାପାଇଁ ସାମ୍ବାଦିକ ରଶ୍ମି ରଞ୍ଜନ ଦାସ, ବିଶିଷ୍ଟ ପଥରଶିଳ୍ପୀ ଗୋଲକ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବନ୍ଦେ ମାତରମ କଲଚୁରାଲ ଆସୋସିଏସନ ଓ ବାଗୁଡି ମହୋତ୍ସବ କମିଟିର କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଦ୍ୟାଳୟ ପୁନଃ କାର୍ଯ୍ୟକ୍ଷମ ପାଇଁ ଜିଲ୍ଲାପାଳଙ୍କୁ ଦାବି

**ନାମ୍ପୋ, ୧୫।୧୧(ସମିସ):** ଜଳେଶ୍ୱର ବ୍ଲକ ନେତୁଆ ପଞ୍ଚାୟତର ସାହାପୁରଠାରେ ୨୦୦୯ ମସିହାରେ ପ୍ରତିଷ୍ଠିତ ହୋଇଥିବା ସାହାପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ କେତେକ ଯୋଗ୍ୟତା ଭିତ୍ତିକ ତ୍ରୁଟି ଦର୍ଶାଇ ରାଜ୍ୟ ସରକାର ୨୦୨୧ ମସିହାରେ ଉଚ୍ଛେଦ କରିଛନ୍ତି। ଗ୍ରାମରେ ୧୨୦ରୁ ଊର୍ଦ୍ଧ୍ୱ ପରିବାରରେ ୧ହଜାରରୁ ଅଧିକ ଲୋକେ ବସବାସ କରନ୍ତି। କୋମଳମତି ଶିଶୁଙ୍କୁ ପ୍ରାଥମିକ ଶିକ୍ଷା ସହଜରେ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ସ୍ଥାପନା କରାଯାଇଥିଲା। ବିଦ୍ୟାଳୟର ଆବଶ୍ୟକୀୟ ଭିତ୍ତିଭୂମି ଥାଇ ବୈଷୟିକ ମାନଦଣ୍ଡ ପୂରଣ କରୁଥିବାରୁ ସରକାରୀ ସ୍ୱୀକୃତି ମଧ୍ୟ ମିଳିଥିଲା। ସରକାରଙ୍କ ନିୟମ ଅନୁଯାୟୀ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ମଧ୍ୟରେ ୩୭ ଜଣ ଛାତ୍ର ଛାତ୍ରୀଙ୍କ ଉପସ୍ଥାନ ଆବଶ୍ୟକ ଥିବାବେଳେ ବିଦ୍ୟାଳୟରେ କିନ୍ତୁ ୪୫ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଥିଲେ। ମାତ୍ର ୨୦୨୧ମସିହାରେ କେତେକ ବୈଷୟିକ ତ୍ରୁଟି ଦର୍ଶାଇ ରାଜ୍ୟ ସରକାର ବିଦ୍ୟାଳୟକୁ ଉଚ୍ଛେଦ କରିଦେଇଛନ୍ତି। ଯାହାଫଳରେ ପ୍ରାଥମିକ ଶିକ୍ଷା ଲାଭ କରିବାକୁ ଛାତ୍ରଛାତ୍ରୀଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏ ବାବଦରେ ବିଜୟ ଖଣ୍ଡ, ଦେବବ୍ରତ ସେନ, ସୁବୋଧ ଦତ୍ତ, ମନୋରଞ୍ଜନ ଦାସ, ସୁକୁମାର ଦତ୍ତ ପ୍ରମୁଖ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

## ଖୋଳା ଚାଲିଛି ସମୁଦ୍ର ମୁହାଣ



● ମୁଖ୍ୟମନ୍ତ୍ରୀ ଓ ବିଧାୟକଙ୍କୁ ଧନ୍ୟବାଦ ଜଣାଇଲେ ମତ୍ସ୍ୟଜୀବୀ

**ବାହାନଗା, ୧୫।୧୧(ସମିସ):** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଖରାସାହାପୁର ପଞ୍ଚୁବିଶା ସମୁଦ୍ର ମୁହାଣ (ଜେଟୀ) ଖୋଲା ଯାଉଥିବାରୁ ମତ୍ସ୍ୟଜୀବୀଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ମୁଖ୍ୟମନ୍ତ୍ରୀ ଏବଂ ସ୍ଥାନୀୟ ବିଧାୟକଙ୍କୁ ଧନ୍ୟବାଦ ଦେବା ସହ ନୂତନ ଡ଼ଙ୍ଗା ପ୍ରସ୍ତୁତ ଓ ମରାମତିରେ ବ୍ୟସ୍ତ ମତ୍ସ୍ୟଜୀବୀ। ଖବର ଅନୁସାରେ ପଞ୍ଚୁବିଶା ସମୁଦ୍ର ମୁହାଣ (ଜେଟୀ) ଉପରେ ଖରାସାହାପୁର, ଅଭଣା, ଆରୁହାବାଡ଼, ବରିପଦା, ବିଷ୍ଣୁପୁର ଆଦି ପଞ୍ଚାୟତର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ ନିର୍ଭର କରି ପରିବାର ପ୍ରତିପୋଷଣ କରନ୍ତି। ଏଠାରେ ମତ୍ସ୍ୟବତାରଣ କେନ୍ଦ୍ର ମଧ୍ୟ ରହିଛି। ହେଲେ ସମୁଦ୍ର ମୁହାଣ ପୋତି ହୋଇଯିବା କାରଣରୁ କୂଳରୁ ଡ଼ଙ୍ଗା ସମୁଦ୍ର ମଧ୍ୟକୁ ଯାତାୟାତ କରି ନ ପାରି କୂଳରେ ଖତ ଖାଉଥିଲା। ଅନେକ ମତ୍ସ୍ୟଜୀବୀ ନିଜର ଜୀବିକା ହରାଇଥିବା ବେଳେ ଅନେକ ମତ୍ସ୍ୟଜୀବୀ ଜୀବିକା ହରାଇବା ନେଇ ଚିନ୍ତାରେ ଥିଲେ। ପରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗର ଡ୍ରେନେଜ ଡିଭିଜନ ପକ୍ଷରୁ ମୁହାଣ ଖୋଳିବା ପାଇଁ ୩ କୋଟି ୮୩ ଲକ୍ଷ ଟଙ୍କାର ପ୍ରକଳ୍ପ ମଞ୍ଜୁର କରାଯାଇଥିଲା। ପରେ ଏବେ ଅତ୍ୟାଧୁନିକ ଯନ୍ତ୍ର ସାହାଯ୍ୟରେ ସମୁଦ୍ର ମୁହାଣ ଖୋଳା ଆରମ୍ଭ ହୋଇଛି। ମୁହାଣ ଖୋଳା କାର୍ଯ୍ୟ ଶେଷ ହେବାକୁ ପ୍ରାୟ ୬ ମାସ ଲାଗିବ ବୋଲି ଅନୁମାନ କରାଯାଉଛି। ଏପରିସ୍ଥଳେ ମତ୍ସ୍ୟଜୀବୀମାନେ ଜାଲ ସିଲାଇ ଆରମ୍ଭ କରିଥିବା ବେଳେ ଜଳ ଅଭାବରୁ କୂଳରେ ଖତ ଖାଉଥିବା ଯନ୍ତ୍ର ଚାଳିତ ଡ଼ଙ୍ଗାକୁ ମରାମତି କରିବା ସହ ନୂତନ ଡ଼ଙ୍ଗା ପ୍ରସ୍ତୁତରେ ଲାଗି ପଡ଼ିଛନ୍ତି ମତ୍ସ୍ୟଜୀବୀ। ଦୀର୍ଘଦିନ ପରେ ସରକାର ମତ୍ସ୍ୟଜୀବୀଙ୍କ ଦୁଃଖ ଶୁଣିବା ସହ ଅତ୍ୟାଧୁନିକ ଯନ୍ତ୍ର ସାହାଯ୍ୟରେ ମୁହାଣ ଖୋଳିବା କାର୍ଯ୍ୟ ଆରମ୍ଭ କରିଥିବାରୁ ସ୍ଥାନୀୟ ସୋର ବିଧାୟକ ପର୍ଶୁରାମ ଧଡ଼ାଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମତ୍ସ୍ୟଜୀବୀମାନେ ଶୁଭେଚ୍ଛା ଜଣାଇବା ସହ ଧନ୍ୟବାଦ ଦେଇଛନ୍ତି।

ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ

# ସୋର ତାଲୁକ୍ ଆଇନ ସହାୟତା କମିଟି

**ସୋର, ୧୫।୧୧(ସମିସ):** ସୋର ତାଲୁକ ଆଇନ ସହାୟତା କମିଟି ତରଫରୁ ସୋର ପୌରପାଳିକା ଅନ୍ତର୍ଗତ ସାଦମାପୁର ସରକାରୀ ପ୍ରାଇମେରୀ ସ୍କୁଲରେ ଜାତୀୟ ଶିଶୁ ଦିବସ ପାଳନ କରାଯାଇଛି। ଏଥିରେ ସୋର ତାଲୁକ ଆଇନ ସହାୟତା କମିଟିର ଚେୟାରମ୍ୟାନ, ସିନିୟର ସିଭିଲ୍ ଜଜ, ସହାୟକ ଦୌରାଜଜ୍ ଶୀଲା ପ୍ରିୟଦର୍ଶିନୀ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ରାଜାରାଣୀ ଜେନା ପ୍ରାରମ୍ଭିକ ସ୍ୱାଗତ ଭାଷଣ ଦେଇଥିଲେ। ଆଇନଜୀବି କାହ୍ନୁଚରଣ ବେହେରା ଅତିଥି ପରିଚୟ ସହ ସଭା ପରିଚାଳନା କରିଥିବା ବେଳେ ଅନ୍ୟତମ ଆଇନଜିବି ଧୀରେନ୍ଦ୍ର କୁମାର ଦାସ ନିଜ ବକ୍ତବ୍ୟ ରଖିଥିଲେ। ଶେଷରେ ସହାୟକ ଶିକ୍ଷୟିତ୍ରୀ ପୁଷ୍ପବତୀ ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଫୋନିକ୍ସ ସ୍କୁଲରେ ଶିଶୁ ଦିବସ

**ସୋର :** ସୋର ବ୍ଲକର ବିଭିନ୍ନ ସ୍ଥାନରେ ଶିଶୁ ଦିବସ ପାଳିତ ହୋଇଥିବା ବେଳେ ସୋର ପୌରାଞ୍ଚଳ ଫୋନିକ୍ସ ଇଂଲିଶ ମିଡିୟମ ସ୍କୁଲରେ ନିଆରା ଶିଶୁ ଦିବସ ପାଳିତ ହୋଇଥିଲା। ଏଥିରେ ପିଲାମାନଙ୍କ ଦ୍ୱାରା ଏକ ଖାଇବା ହାଟର ଆୟୋଜନ କରାଯାଇଥିଲା। ଯେଉଁଥିରେ ପିଲାମାନେ ନିଜ ଘରୁ ପ୍ରସ୍ତୁତ କରି ଆଣିଥିବା ଖାଦ୍ୟ ଲୋକମାନଙ୍କ ପାଖରେ ପରଷି ଥିବା ବେଳେ ଅନେକ ପିଲା ଲୋକମାନଙ୍କ ସମ୍ମୁଖରେ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଏହିପରି ଭାବେ ୬୦ଟି ଷ୍ଟଲର ବ୍ୟବସ୍ଥା କରାଯାଇଥିଲା। ପିଲାମାନେ ବଜାରରେ କିପରି ବ୍ୟବସାୟ କରାଯାଉଛି ଏବଂ ହିସାବପତ୍ର ରଖିବା ହେଉଛି ସେ ବିଷୟରେ ପାରଙ୍ଗମ ହେବା ପାଇଁ ଏପରି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିବା ବିଦ୍ୟାଳୟର ଅଧ୍ୟକ୍ଷ କହିଥିଲେ।

## ଉତ୍କଳ ଜନନୀ ସେବା ସଂଗଠନ

**ଜଳେଶ୍ୱର :** ଜଳେଶ୍ୱର ଉତ୍କଳ ଜନନୀ ସେବା ସଂଗଠନ ପରିବାର ତରଫରୁ ଶିଶୁ ଦିବସ ଅବସରରେ ନନ୍ଦିକା ଦୀନକୃଷ୍ଣ ଭିନ୍ନକ୍ଷମ ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ କେକ କାଟିବା ସହିତ ପିଲାମାନଙ୍କ ନିମନ୍ତେ ମିଠା ଏବଂ ଫଳ ବଣ୍ଟନ ପ୍ରଦାନ କରାଯାଇଛି। ସଂଗଠନର ସଭାପତି ହେମନ୍ତ ଜେନା, ସମ୍ପାଦକ ଗଗନ ବିହାରୀ ସାହୁ, ଉପଦେଷ୍ଟା ଗଣେଶ ଚନ୍ଦ୍ର ଜେନା, ସତ୍ୟନାଥ ଦାସ, ସତ୍ୟବ୍ରତ ପଣ୍ଡା, ସୁମତି ସାହୁ, ଧରଣୀ ଜେନା, ବିବେକ ଜେନା, ବଳଭଦ୍ର ନନ୍ଦ, ସତ୍ୟରଞ୍ଜନ ବେଜ, ଉମେଶ ଜେନା, ରଞ୍ଜିତ ଘଡାଇ, କାର୍ତ୍ତିକ ମଲ୍ଲିକ, ରାକେଶ ସେନାପତି ଆଦି ଉପସ୍ଥିତ ଥିଲେ।

## ଜଳେଶ୍ୱର ତାଲୁକ ଆଇନ ସହାୟତା କମିଟି



**ଜଳେଶ୍ୱର ସହର/ବ୍ଲକ :** ଜଳେଶ୍ୱର ତାଲୁକ ଆଇନ ସେବା ଜଳେଶ୍ୱର ଶାଖା ତରଫରୁ ସ୍ଥାନୀୟ ବୈରାଟଆଡି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ବରିଷ୍ଠ ଦେୱାନୀ ବିଚାରପତି ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷା ନିଶା ସାମଲ, ଦେୱାନୀ ବିଚାରପତି ସ୍ମୃତି ସ୍ୱରୂପା ସାହୁ, ଜେଏମଏଫସି ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ତାଲୁକ ଆଇନ ସେବା କମିଟିର ସଦସ୍ୟ ସୁନୀଲ ଜେନା, ଜଳେଶ୍ୱର ଆଇଆଇସି ରଞ୍ଜନ ସେଠୀ, ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ସିଂ, ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ଚିତ୍ତ ରଞ୍ଜନ ଘୋଷ, ପ୍ରମିଳା ବେହେରା, ଭାରତୀ ବେହେରା, ସସ୍ମିତା ଜେନା, ସିଆରସିସି ସୁବେଶ ଚନ୍ଦ୍ର ପ୍ରଧାନ, ଯୁବନେତା ବ୍ରଜ ଗୋପାଳ ରାଉତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତ୍ରିଲୋଚନ ମାଝୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ଦୀନକୃଷ୍ଣ ମୀନା ମଣ୍ଡଳୀ

**ଜଳେଶ୍ୱର :** ଜଳେଶ୍ୱର ସ୍ଥିତ ଦୀନକୃଷ୍ଣ ମୀନା ମଣ୍ଡଳୀ ତରଫରୁ ସ୍ଥାନୀୟ ଖୁଲୁଡା ଶୀତଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନଶିକ୍ଷକ ଡ.ଅଜିତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ମୁଁ ସାହିତ୍ୟିକ ବିପିନ ବିହାରୀ ବିଶ୍ୱାଳ, ଶିକ୍ଷକ ଅଞ୍ଜନ ପ୍ରଧାନ, ସଞ୍ଜୟ ପାକଳ, ଦୀପକ ପାତ୍ର, ସୁଜିତ ସିଟ୍, ମୌସୁମୀ ଗୁପ୍ତା, କମଳାକାନ୍ତ ସାମଲ, ପୂର୍ଣ୍ଣଚନ୍ଦ୍ର ଗିରି, ସଞ୍ଜିତ ଗିରି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ତରଫରୁ ସୁବାଶିଷ ଦାସ, ଚନ୍ଦନ ଜେନା, ରୀତା ଋତୁପର୍ଣ୍ଣା ବାରିକ, ଶୁଭସ୍ମିତା ମିଶ୍ର, ତନୁଶ୍ରୀ ଆଚାର୍ଯ୍ୟ, ସ୍ମୃତିରେଖା ବେହେରା, ସଙ୍ଗୀତା ଗିରି, ଅଜିତ କାମିଲା, ରିତିକ ରଞ୍ଜନ ବେହେରା, ପ୍ରୀତମ ଦାସ, ସ୍ନେହାଶିଷ ପ୍ରଧାନ, ପ୍ରିୟବ୍ରତ ଜେନା, ଭାଗ୍ୟଲକ୍ଷ୍ମୀ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।



## ଭିନ୍ନକ୍ଷମ ବିଦ୍ୟାଳୟରେ ଶିଶୁ ଦିବସ

**ଜଳେଶ୍ୱର ସହର/ବ୍ଲକ :** ଜଳେଶ୍ୱର ନନ୍ଦିକା ସ୍ଥିତ ଭିନ୍ନକ୍ଷମ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅନୁଷ୍ଠାନର ସହସମ୍ପାଦକ ସୁନିଲ ନାୟକ, ବରିଷ୍ଠ ସଦସ୍ୟ କମଳ ଚକ୍ରବର୍ତ୍ତୀ ସଭାରେ ଯୋଗଦେଇ ଅଭିଭାଷଣ ରଖିଥିଲେ। ସଭାକାର୍ଯ୍ୟ ପରେ ସପନ ପରିଡ଼ା, ରାଜକିଶୋର ଜେନା, ବନଲତା ଜେନା ଅତିଥିଙ୍କ ଦ୍ୱାରା ଭିନ୍ନକ୍ଷମ ପିଲାଙ୍କୁ ଫଳ, ବିସ୍କୁଟ, ମିଷ୍ଟାନ୍ନ ଇତ୍ୟାଦି ବଣ୍ଟନ କରିଥିଲେ। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଣ ଶିକ୍ଷକ ମାନଙ୍କ ମଧ୍ୟରେ ଧରିତ୍ରୀ ରାଣୀ ଦେ, ସୁଚିସ୍ମିତା ସେନାପତି, ମୀନା ବେହେରା, ମମତା ରଣା, ଆଲୋକ ପ୍ରଧାନ, ଆଶିଷ ମହାପାତ୍ର, ଗୌରୀଶଙ୍କର ପ୍ରଧାନ, ଅରୁଣ ଦେ ଓ ଯଦୁନାଥ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ହିସାବ ରକ୍ଷକ ଅଜୟ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବଣପାରିଆ ସ୍କୁଲରେ ଶିଶୁ ଦିବସ

**ଖଇରା :** ବାଲେଶ୍ୱର ଜିଲ୍ଲା ଖଇରା ପଞ୍ଚାୟତ ଅଧୀନ ବଣପାରିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପବିତ୍ର ଶିଶୁ ଦିବସ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବୁଦ୍ଧିରାମ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସରପଞ୍ଚ ମାଳତୀଲତା ସେଠୀ, ସମିତିସଭ୍ୟା ନର୍ମଦା ଦେଓ, ପ୍ରାକ୍ତନ ଶିକ୍ଷକ ପଦ୍ମନାଭ ପଣ୍ଡା, ଗ୍ରାମମୁଖିଆ ଶ୍ରୀଧର ପଲେଇ, ବୟୋଜ୍ୟେଷ୍ଠ ବ୍ୟକ୍ତି ଭାସ୍କର



ଚନ୍ଦ୍ର ମହାରଣା, ପ୍ରାକ୍ତନ କମିଟି ସଭାପତି ନରେନ୍ଦ୍ର ପଲେଇ, ବର୍ତ୍ତମାନର ସଭାପତି ରାଜେନ୍ଦ୍ର ତ୍ରିପାଠୀ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷାବିତ ରାମଚନ୍ଦ୍ର ପତ୍ରୀ ସ୍ୱାଗତ ଭାଷଣ, ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀମଣି ପଣ୍ଡା ବିବରଣୀ ପାଠ ଓ ଭୁବନ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଗୁଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

● ଡେଲିଭେରୀ ପଏଣ୍ଟ, ଷ୍ଟାଫ୍ ନର୍ସ ଏବଂ ଆୟୁଷ ଡାକ୍ତର ପାଇଁ ଅଞ୍ଚଳବାସୀଙ୍କ ଦାବି




**ସୋର, ୧୫।୧୧(ସମିସ):** ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ପରିଚାଳିତ ମହୁମୁହାଣ ପଞ୍ଚାୟତ ବାଗୁଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଦେବଗିରି ବଣପାହାଡ ଘେରା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅବସ୍ଥିତ। ମହୁମୁହାଣ, ଗୋପୀନାଥପୁର, ଶିଙ୍ଗାଖୁଣ୍ଟା, ମାଣତ୍ରି, କେଶରୀପୁର, ମାଣିପୁର, ଜଡିଦା ପଞ୍ଚାୟତର ଶତାଧିକ ଗ୍ରାମର ପାଖପାଖି ୫୦ ହଜାର ଲୋକେ ଏହାରି ଉପରେ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭରଶୀଳ। ଦୈନିକ ୧୫୦ରୁ ୨୦୦ ରୋଗୀ ନିଜର ଚିକିତ୍ସା ପାଇଁ ପହଞ୍ଚିଥାନ୍ତି। ଏହି ଅଞ୍ଚଳରେ ହରିଜନ, ଆଦିବାସୀ ଶ୍ରେଣୀର ଲୋକଙ୍କ ସଂଖ୍ୟା ଅଧିକ ହୋଇଥିବାରୁ ଦୂରଦୂରାନ୍ତକୁ ଯାଇ ଚିକିତ୍ସା ହେବା ସମ୍ଭବ ହୋଇପାରେନାହିଁ। ବିଶେଷ କରି ଖଣିଖାଦାନ ଅଞ୍ଚଳରୁ ଦୁର୍ଘଟଣାଗ୍ରସ୍ତ ରୋଗୀଙ୍କର ଜରୁରୀ ଚିକିତ୍ସା ଏବଂ ପ୍ରସବଜନିତ ରୋଗୀମାନେ ଏହି ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି। ମାତ୍ର ଏଠାରେ ପ୍ରସବ କେନ୍ଦ୍ର ନ ଥିବାରୁ ପ୍ରସୂତିଙ୍କୁ ବାଧହୋଇ ୧୦ କିମି ଦୂର ସୋର ଡାକ୍ତରଖାନାକୁ ଆସିବାକୁ ପଡ଼ିଥାଏ। ଏହା ବ୍ୟତୀତ ଏଠାରେ ମୁଖ୍ୟତଃ ଷ୍ଟାଫ୍ କ୍ୱାର୍ଟସ, ଷ୍ଟାଫ ନର୍ସ, ଆୟୁଷ ଡାକ୍ତର, ପାଚେରି, ଗେଟ ଏବଂ ପାଣି ସମସ୍ୟା ରହିଥିବା ବେଳେ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି ହୋଇଆସୁଛି। ଗତ ମେ ମାସରେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଦେଧ ବାଗୁଡି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଆସିଥିବା ବେଳେ ସ୍ଥାନୀୟ ଲୋକମାନେ ତାଙ୍କୁ ଭେଟି ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ବିଷୟରେ ଅବଗତ କରାଇଥିଲେ। ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ ଅନୁଧ୍ୟାନ କରି ତୁରନ୍ତ ସମାଧାନ କରିବା ସହିତ ଖାଲି ପଡ଼ିଥିବା ଆୟୁଷ ଡାକ୍ତର ନିଯୁକ୍ତି କରିବାକୁ ଏବଂ ପ୍ରସବ କେନ୍ଦ୍ର ସ୍ଥାପନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ, ଯେ ଏଠାରେ ଗତ ଦଶ ବର୍ଷ ଧରି ରହିଥିବା ଆୟୁଷ ଡାକ୍ତରଙ୍କ ବ୍ୟବହାର ଓ ସେବାରେ ରୋଗୀ ଅସନ୍ତୁଷ୍ଟ ହୋଇ ଅଭିଯୋଗ କରିବା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଅନ୍ୟତ୍ର ବଦଳି କରାଯାଇଥିଲା। ମାତ୍ର ତାଙ୍କ ବଦଳରେ ନୂତନ ଆୟୁଷ ଡାକ୍ତର ନିଯୁକ୍ତି ହୋଇପାରି ନ ଥିବାରୁ ଏହି ପଦ ଖାଲିପଡ଼ିଛି। ଫଳରେ ଜଣେ ମାତ୍ର ମେଡିକାଲ ଅଫିସର ଲକ୍ଷ୍ମୀପ୍ରସାଦ ରାଉତ ରୋଗୀସେବା, ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମ, ବିଭିନ୍ନ ମିଟିଂ ପାଇଁ ବ୍ୟସ୍ତ ରହିବା ସହିତ ରୋଗୀସେବା ବେଳେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହା ଫଳରେ ରୋଗୀମାନଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି। ଏଠାରେ ତୁରନ୍ତ ଜଣେ ଆୟୁଷ ଡାକ୍ତର, ଷ୍ଟାଫ ନର୍ସ, ଷ୍ଟାଫ କ୍ୱାର୍ଟର୍ସ, ପ୍ରସବ କେନ୍ଦ୍ର ନିର୍ମାଣ କରାଗଲେ ରୋଗୀମାନଙ୍କ ସମସ୍ୟା ଦୂର ହୋଇପାରିବ ବୋଲି ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

# ଜାଗା ଚିହ୍ନଟ ପାଇଁ ବାଧକ ସାଜିଛି ଧାନ ବିଲ



**ବଳରାମପୁର, ୧୫।୧୧(ସମିସ):** ସରକାର ଭୂମିହୀନ ଲୋକଙ୍କୁ ଚାରି ଡିସମିଲ ଘରବାଡି ପଟ୍ଟା ଦେଉଛନ୍ତି କିନ୍ତୁ ଜାଗାଟି କେଉଁଠି ଦେଲେ ତାର ଚିହ୍ନବର୍ଣ୍ଣ ହିତାଧିକାରୀ ପାଉନାହାଁନ୍ତି। ଆଜକୁ ଦଶବର୍ଷରୁ ଊର୍ଦ୍ଧ୍ୱ ହେବ ଜାଗାର ପଟ୍ଟା ପାଇଛନ୍ତି, ସେହି ପଟ୍ଟାକୁ ଧରି ପଞ୍ଚାୟତ ଅଫିସ, ଆରଆଇ ଅଫିସ, ତହସିଲ ଅଫିସକୁ ଦୌଡ଼ି ଦୌଡ଼ି ନାକେଦମ ହେଉଛନ୍ତି। ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଛନ୍ତି ସତ, ପଟ୍ଟା ପାଇଥିବା ଜାଗାଟି ଚିହ୍ନଟ ହୋଇ ନ ଥିବାରୁ ଘର କରି ପାରୁନାହାନ୍ତି। ଏପଟେ ବ୍ଲକ ଅଧିକାରୀ ଧମକ ଦେଉଛନ୍ତି ଯଦି ଘର କରିବ ନାହିଁ ତେବେ ପଇସା ଫେରସ୍ତ କରାନ୍ତୁ। ହିତାଧିକାରୀଙ୍କ ମନରେ ଭୟ ଘାରିଛି ପଟ୍ଟା ମିଳିଛି, ଘର ତିଆରି ପାଇଁ ୪୦ହଜାର ଟଙ୍କା ମିଳିଛି ନାଁ ଘର ତିଆରି କରିପାରୁଛି ନାଁ ପଇସା ଫେରସ୍ତ କରିପାରୁଛି। ଏ ବାବଦରେ ତହସିଲଦାର ଓ ବିଡିଓଙ୍କୁ ଅବଗତ କରାଯାଇଛି। ହେଲେ ସମସ୍ୟାର ସମାଧାନ ନ ହେବାରୁ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣିରେ ବାଲିଆପାଳ ବ୍ଲକ ବାଲିକୁଟି ପଞ୍ଚାୟତ ବାଲିକୁଟି ଗ୍ରାମର ରେବତୀ ଦାସ ଜିଲ୍ଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଦେଇଥିଲେ। ପରେ ବୁଧବାର ଦିନ ଆରଆଇ ଓ ସରକାରୀ ଅମିନ ଜଗା ଚିହ୍ନଟ ପାଇଁ ପହଞ୍ଚିଥିଲେ। ଜାଗାଟିକୁ ଚିହ୍ନଟ ପାଇଁ କିଛି ସମୟ ମାପଚୁପ ଚାଲିବା ପରେ ବାଧକ ସାଜିଲା ଧାନ ବିଲ ବାଧକ ସାଜିଥିଲା। ତେବେ ଧାନ କଟା ସରିଲେ ପୁଣି ଥରେ ମାପ କରାହେବ ବୋଲି ଆରଆଇ କହିଥିଲେ।

## ବିଦ୍ୟାଳୟର ସାମ୍ବତ୍ସରିକ ଉତ୍ସବ

**ଖଇରା, ୧୫ ।୧୧(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅନ୍ତର୍ଗତ ଗଡ଼ପୋଖରୀ ସରକାରୀ ସ୍କୁଲର ସାମ୍ବତ୍ସରିକ ଉତ୍ସବ ଓ ଶିଶୁ ଦିବସ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଗହଣରେ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ପ୍ରଫୁଲ୍ଲ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମୁଖ୍ୟଅତିଥି, ଶିକ୍ଷାବିତ ଶତ୍ରୁଘ୍ନ ଦାସ, କମିଟି ସଭାପତି ଯୋଗେନ୍ଦ୍ର ମହାକୁଡ, ଶିକ୍ଷକ ନେତା ବିଜୟ ଦ୍ୱିବେଦୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତପନ ବେହେରା, ନିରଞ୍ଜନ ପ୍ରସାଦ ବାରିକ ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପ୍ରାକ୍ତନ ପ୍ରଧାନଶିକ୍ଷକ ପରେଶ ଚନ୍ଦ୍ର ଦକ୍ଷିଣରାୟ ପ୍ରାରମ୍ଭିକ ସୂଚନା ଓ ଶିକ୍ଷୟିତ୍ରୀ ରତ୍ନମଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପିଲାମାନେ ନୃତ୍ୟଗୀତର ଯାଦୁ ଦେଖାଇବା ପରେ ମୁଖ୍ୟଅତିଥି କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିଭଳି ପ୍ରଧାନଶିକ୍ଷକ ଅରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ସଭାରେ ସରପଞ୍ଚ ଟିକିରାଣୀ ସେଠୀ, ସିଆରସିସି ରଘୁନାଥ ଦଳାଇ, ଅଲୋସ୍ତା ସଂଘ ସଭାପତି ପ୍ରଫୁଲ୍ଲ ଦାଶ, ପ୍ରାକ୍ତନ ପ୍ରଧାନଶିକ୍ଷକ ସୁକାନ୍ତ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ମହେନ୍ଦ୍ର ନାଥ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ସମବାୟ ସପ୍ତାହ ପାଳନ

**ନୀଳଗିରି, ୧୫।୧୧(ସମିସ):** ନୀଳଗିରି ଉପଖଣ୍ଡ ଅଧୀନ ଶ୍ୟାମସୁନ୍ଦରପୁର ସେବା ସମବାୟ ସମିତିର ସୋମବାର ସମବାୟ ସପ୍ତାହ ପାଳନ ହୋଇଯାଇଛି। ୭୭ତମ ସେବା ସମବାୟ ସପ୍ତାହ ପାଳନ ଅବସରରେ ମନରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ସେବା ସମବାୟ ସପ୍ତାହ ପାଳନ ଉପରେ ଆଲୋକପାତ କରିଥିଲେ। ସମିତିର ସମ୍ପାଦକ ଗଦାଧର ପାତ୍ର, ରଘୁନାଥ ମହାନ୍ତି, ସୁନିଲ ବେହେରା, ସମିତିର ସଦସ୍ୟ ପୁରୁଷୋତ୍ତମ ସେଠୀ, ଭୋଳାନାଥ ମାଝୀ, ଆଦିକନ୍ଦ ମହାଲିକ, ଶମ୍ଭୁନାଥ ନାୟକ, ପିତାମ୍ବର ଧାଉଡ଼ିଆ, ବାସନ୍ତୀ ବାରିକ, ପ୍ରଫୁଲ୍ଲ ଦାସ, ଉପସଭାପତି ଜ୍ୟୋସ୍ନାରାଣୀ ଦାସ, ବୃନ୍ଦାବନ ବାରିକ, ଲକ୍ଷ୍ମୀଧର ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ।

## ୩ ବାଲି ଟ୍ରାକ୍ଟର ଜବତ

**ବସ୍ତା/ରୂପସା/ରାଜଘାଟ, ୧୫।୧୧(ସମିସ):** ବସ୍ତା ବ୍ଲକ ଭେଲୋରା ଠାରେ ବେଆଇନ ଭାବେ ବାଲି ବୋଝେଇ କରି ଯାଉଥିବା ବେଳେ ୩ଟି ଟ୍ରାକ୍ଟରକୁ ବସ୍ତା ତହସିଲଦାର ରାଧା ରଞ୍ଜନ ଦାସ ଜବତ କରିଛନ୍ତି। ଜବତ ଗାଡି ଠାରୁ ୫୪ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାପଡ଼ିଛି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ରାଜଘାଟ, ୧୫।୧୧(ସମିସ):** ବସ୍ତା ଥାନା କୁଳିଦା ପଞ୍ଚାୟତ ଅନ୍ତର୍ଗତ ବେଲଗାଁରେ ବାକି ଟଙ୍କା ନେଣଦେଣକୁ ନେଇ ଜଣେ ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ସୂଚନାରୁ ପ୍ରକାଶ ମଙ୍ଗଳବାର ସନ୍ଧ୍ୟାରେ ଗ୍ରାମର ଅଜୟ ଜେନା ଓ ପଡ଼ୋଶୀ ରାଜେଶ ଜେନାଙ୍କ ମଧ୍ୟରେ କୌଣସି କଥାକୁ ନେଇ ପ୍ରଥମେ ବଚସା ଏବଂ ପରେ ଧସ୍ତାଧସ୍ତି ହୋଇଥିଲା। ଏହି ସମୟରେ ରାଜେଶ ଇଟା ସାହାଯ୍ୟରେ ଅଜୟଙ୍କୁ ମୁଣ୍ଡକୁ ଆକ୍ରମଣ କରିଥିଲେ। ପରିବାର ଲୋକେ ଆସି ଅଜୟଙ୍କୁ ରାଜେଶଙ୍କ କବଳରୁ ଉଦ୍ଧାର କରି ପ୍ରଥମେ ବସ୍ତା ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଅଜୟଙ୍କ କକା ପ୍ରଭାକର ଜେନା ଅମର୍ଦ୍ଦାରୋଡ ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି।

## ଜଳିଗଲା ଲକ୍ଷାଧିକ ଟଙ୍କାର ସାରେଣୀ ଜାଲ

**ଭୋଗରାଇ, ୧୫।୧୧(ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ତାଳସାରୀ ମେରାଇନ ଥାନା ଅଞ୍ଚଳରେ ଜନୈକ ମତ୍ସ୍ୟଜୀବୀଙ୍କ ଲକ୍ଷାଧିକ ଟଙ୍କାର ସାରେଣୀ ଜାଲ ବାଣ ନିଆଁରେ ପୋଡ଼ି ଭସ୍ମୀଭୂତ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ଏହି ଜାଲ ଉପରେ ନିର୍ଭର କରୁଥିବା ୪୦ରୁ ଊର୍ଦ୍ଧ୍ୱ ପରିବାର ଜୀବିକା ହରାଇଛନ୍ତି। ପ୍ରକାଶ ଯେ, ଭୋଗରାଇ ବ୍ଲକ ଅନ୍ତର୍ଗତ ପଥରେଶ୍ୱର ଗ୍ରାମର ଚୈତନ୍ୟ ପାତ୍ରଙ୍କ ପୁଅ ଧନଞ୍ଜୟ ପାତ୍ର ଋଣ କରି ଏକ ସାରେଣୀ ଜାଲ କିଣିଥିଲେ। ସମୁଦ୍ରରେ ମାଛ ନ ହେବାରୁ ଜାଲକୁ ସ୍ଥାନୀୟ ତାଳସାରି ବେଳାଭୂମି ନିକଟସ୍ଥ ବିହାରୀ ବାବୁଙ୍କ ବାଡ଼ିରେ ରଖିଥିଲେ। ତେବେ କେହି ବାଣ ଫୁଟାଉଥିଲା ବେଳେ ସେହି ବାଣ ନିଆଁ ଜାଲ ଉପରେ ପଡ଼ି ସମ୍ପୂର୍ଣ୍ଣ ଭାବେ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଏହି ଜାଲ ରଖାଯାଇଥିବା ସ୍ଥାନ ନିକଟରେ ଥିବା ସାଗରିକା ହୋଟେଲର କିଛି ଟୁରିଷ୍ଟମାନେ ବାଣ ଫୁଟାଇବା ସମୟରେ ଏଭଳି ଅଘଟଣ ଘଟିଛି ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଥିଲା ବେଳେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କ୍ଷତିପୂରଣ ପାଇଁ କ୍ଷତିଗ୍ରସ୍ତ ଧନଞ୍ଜୟ ପାତ୍ର ତାଳସାରି ମେରାଇନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ସକାଳ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା



**ବସ୍ତା, ୧୫।୧୧(ସମିସ):** ଯାଜପୁର ଜିଲ୍ଲା ବରି ସାମନ୍ତସିଂହାର ଉଚ୍ଚ ବିଦ୍ୟାଳୟ, ଅଭିମନ୍ୟୁ ବାଲିଆଠାରେ ମଙ୍ଗଳବାର ଦିନ ଜଗା ଶିଶୁ ସାହିତ୍ୟ ସଂସଦ ନାଥପୁରର ୩୦ ତମ ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ସଂସଦର ସଭାପତି ବ୍ରଜମୋହନ ସାମଲ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଭୁବନେଶ୍ୱରର ନିର୍ଦ୍ଦେଶକ ଯଶୋବନ୍ତ ଜେନା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଆଲୋଚନ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ତଥା ସାମ୍ବାଦିକ ମହେଶ୍ୱର ବଳ ଓ ଭକ୍ତଚରଣ ସାହୁ ଯୋଗଦେଇଥିଲେ। ଏହି ଅବସରରେ ଶିଶୁ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କବି ସରୋଜକାନ୍ତ ପରିଜା, ସାମ୍ବାଦିକତା ପାଇଁ ସନ୍ଦିପ୍ତ ରାୟ, ବାଲେଶ୍ୱର ଜିଲ୍ଲା ବସ୍ତା ସକାଳ ପ୍ରତିନିଧି ସେଖ ଜଗିରୁଦ୍ଦିନ୍, ସମାଜସେବା ପାଇଁ ଅଶୋକ ବେହେରା ଏବଂ ଚିତ୍ରକର ଭାବେ ଚିତ୍ତରଞ୍ଜନ ମହାପାତ୍ରଙ୍କୁ ଅତିଥିମାନେ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସଂସଦର ଉପସଭାପତି ଶରତ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ଶିଶୁ ମହୋତ୍ସବ ମହକ ଆୟୋଜିତ




**ଜଳେଶ୍ୱର ସହର/ବ୍ଲକ, ୧୫।୧୧(ସମିସ):** ଜଳେଶ୍ୱର ସ୍ଥିତ ଦୀଗମ୍ବରୀ ଦେବୀ ଆଇଟିଆଇ ପ୍ରାଙ୍ଗଣରେ ନୃତ୍ୟ ଶିଖା ଫାଉଣ୍ଡେସନ ପକ୍ଷରୁ ଶିଶୁମହୋତ୍ସବ 'ମହକ' ପାଳନ କରାଯାଇଛି। ସକାଳ ସମୟରେ ବିଭିନ୍ନ ସ୍କୁଲର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଚିତ୍ରାଙ୍କନ, ସଙ୍ଗୀତ ଓ ନୃତ୍ୟରେ ଭାଗ ନେଇଥିଲେ। ବିଚାରକ ଭାବେ ତନୁଜା ରମା, ପ୍ରୀତିପ୍ରଭା ଜେନା, ଅଙ୍କିତା କର, ଅନନ୍ୟା ପଟ୍ଟନାୟକ, ପ୍ରଜ୍ଞା ସେନାପତି, ନିରୁପମା ପାତ୍ର ପ୍ରମୁଖ ରହି ପରିଚାଳନା କରିଥିଲେ। ସନ୍ଧ୍ୟା ସମୟରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ମ୍ୟୁନିସପାଲଟି ଚେୟାରମ୍ୟାନ ପ୍ରତିପ କୁମାର ପ୍ରଧାନ, ମୁଖ୍ୟବକ୍ତା ଶିକ୍ଷାବିତ ପ୍ରାଣକୃଷ୍ଣ ଗିରି, ସମ୍ମାନୀତ ଅତିଥି ଭାବେ ଦୁର୍ଯ୍ୟୋଧନ ପାଣିଗ୍ରାହୀ, ଅଜିତ ମହାନ୍ତି, ଗୋବିନ୍ଦ ସାହୁ, ସରୋଜ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ନାଟ୍ୟଶ୍ରୀ ରାଧାକୃଷ୍ଣ ଗିରି, ବାସୁଦେବ ଦାସ, ଝରଣା ପରିଡ଼ା, ଗୌରାଙ୍ଗ ପାଳଙ୍କୁ କଳାକାର ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ପ୍ରକୃତି ପୁରୁଷ ନରହରି ବେହେରା ଏବଂ ମେ ଆଇ ହେଲ୍ପ ୟୁ ସଂଗଠନର ଜଗନ୍ନାଥ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନୃତ୍ୟଶିଖା ଫାଉଣ୍ଡେସନର ପ୍ରତିଷ୍ଠାତା ଗୁରୁ ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

## ନୂତନ ଅଙ୍ଗନବାଡ଼ି କେନ୍ଦ୍ର ଉଦ୍‌ଘାଟିତ



**ପଥରପେଣ୍ଠ, ୧୫।୧୧(ସମିସ):** ବାହାନଗା ବ୍ଲକ ପଥରପେଣ୍ଠ ଗ୍ରାମପଞ୍ଚାୟତ ତାହାରପୁର ଗ୍ରାମ ୩ନଂ ୱାର୍ଡରେ ୭ଲକ୍ଷ ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ଅଙ୍ଗନବାଡି କେନ୍ଦ୍ର ବାହାନଗା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀଙ୍କ ଦ୍ୱାରା ଆଜି ଉଦଘାଟିତ ହୋଇଯାଇଛି। ଏହି ଅଙ୍ଗନବାଡି କେନ୍ଦ୍ରରେ କୁନି କୁନି ପିଲାଙ୍କ ପାଇଁ ଶିକ୍ଷାଦାନ ସହ ବିଭିନ୍ନ ପ୍ରକାର ଖେଳ ସାମଗ୍ରୀ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଚେୟାରମ୍ୟାନ ବିଶ୍ୱନାଥ ମିଶ୍ର, ପଥରପେଣ୍ଠ ସରପଞ୍ଚ ଉର୍ମିଳା ପାଣ୍ଡିଆ, ବିଜେଡି ନେତା ଶ୍ରୀଧର ମହାନ୍ତି, ସରୋଜ ମଲିକ, ସୀତାନାଥ ମଲିକ, ପ୍ରଫୁଲ୍ଲ ସାମନ୍ତରାୟ, ଭୀମ ରାଜ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସୋର ଷ୍ଟେଟବ୍ୟାଙ୍କ ପକ୍ଷରୁ ଋଣ ମେଳା

**ସୋର, ୧୫।୧୧(ସମିସ):** ସୋର ପୌରପାଳିକା ଅନ୍ତର୍ଗତ ଟାଉନ ହଲ ପରିସରରେ ଷ୍ଟେଟ ବ୍ୟାଙ୍କ ସୋର ଶାଖା ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠିର ମହିଳାମାନଙ୍କ ଉଦ୍ଦେଶ୍ୟରେ ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୧ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସେମାନେ ନେଇଥିବା ଋଣରେ କରିଥିବା ବ୍ୟବସାୟକୁ ପ୍ରଦର୍ଶନ କରିଥିଲେ। ଏହି ଋଣ



ମେଳାରେ ଆସିଥିବା ଅତିଥିମାନେ ନାରୀ ସଶକ୍ତିକରଣର ଉତ୍ତମ ଦିଗ ଉପରେ ଆଲୋକପାତ କରିଥିଲେ। ମେଳାରେ ଭୁବନେଶ୍ୱର ଶାଖା ଚିଫ ଜେନେରାଲ ମ୍ୟାନେଜର ଚନ୍ଦ୍ର ଶେଖର ଶର୍ମା, ବାଲେଶ୍ୱର ଶାଖା ଡେପୁଟି ଜେନେରାଲ ମ୍ୟାନେଜର ଶୈଳେଶ କୁମାର ସିହ୍ନା ପ୍ରମୁଖ ଉପସ୍ଥିତ ଥିଲେ। ସୋର ଏସବିଆଇ ଶାଖାର ଶାଳିନୀ ପ୍ରହରାଜ ସଭା ପରିଚାଳନା କରିଥିବା ବେଳେ ସୋର ଶାଖାର ମୁଖ୍ୟ ପରିଚାଳିକା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୋଟ ୫୫ଟି ଏସଏଚଜି ଗ୍ରୁପକୁ ପୁରସ୍କୃତ କରାଯାଇଥିଲା। ଆଶିଷ କୁମାର ମହାନ୍ତିଙ୍କ ସମେତ ଅନ୍ୟ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ଭୋଗରାଇ ବିଜେଡିର ପ୍ରଶିକ୍ଷଣ ଶିବିର

**ଭୋଗରାଇ, ୧୫।୧୧(ସମିସ):**

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିର ଅପରାଜେୟ ଗଡ଼କୁ ସୁରକ୍ଷିତ ରଖିବା ସହିତ ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ଅଧିକ ଶକ୍ତିଶାଳୀ ଓ ସୁସଙ୍ଗଠିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛି ଭୋଗରାଇ ବିଜେଡି। ସାଧାରଣ ଲୋକଙ୍କ ସହ ସିଧାସଳଖ ଯୋଡ଼ିହେବା ପାଇଁ ବର୍ତ୍ତମାନ ସମୟର ମର୍ଡର୍ଣ୍ଣ ଟେକ୍ନୋଲୋଜି ବ୍ୟବହାର କରି ରାଜ୍ୟ ସରକାରଙ୍କ ସମସ୍ତ ଜନହିତକର ଯୋଜନା ଏବଂ ଦଳୀୟ ବିଚାରଧାରାକୁ ଘରେ ଘରେ ଏବଂ ବିଶେଷ କରି ଯୁବକ ଯୁବତୀଙ୍କ ପାଖରେ ସହଜରେ ଓ ତ୍ୱରିତ ବେଗରେ ପହଞ୍ଚାଇବା ପାଇଁ ଭୋଗରାଇ ବିଜେଡି ପକ୍ଷରୁ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛି। ଭୋଗରାଇ ବ୍ଲକର କେନ୍ଦ୍ରସ୍ଥଳ ଜଳେଶ୍ୱରପୁର ଠାରେ ନୂତନ ଭାବେ





ପ୍ରତିଷ୍ଠିତ ବିଧାନସଭା ମଣ୍ଡଳୀସ୍ତରୀୟ ଦଳୀୟ କାର୍ଯ୍ୟାଳୟ ପରିସରରେ ଏନେଇ ଏକ ସ୍ୱତନ୍ତ୍ର ତଥା ଅତ୍ୟାଧୁନିକ ସୋସିଆଲ ମିଡ଼ିଆ କାର୍ଯ୍ୟାଳୟ ଶୁଭାରମ୍ଭ ହୋଇଛି। ଏହାସହିତ ୫୦ ପଞ୍ଚାୟତରୁ ଦଳର ୩ ହଜାରରୁ ଊର୍ଦ୍ଧ୍ୱ ସକ୍ରିୟ କର୍ମୀ ଓ ନିର୍ବାଚିତ ପ୍ରତିନିଧିମାନଙ୍କ ତିନିଦିନିଆ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସଙ୍କ ସହିତ ବିଧାନସଭା ନିର୍ବାଚନ ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଶାରଦା ପ୍ରଶନ୍ନ ଜେନା ଦଳୀୟ କାର୍ଯ୍ୟାଳୟରେ ଏହି ସୋସିଆଲ ମିଡ଼ିଆ କାର୍ଯ୍ୟାଳୟ ସହିତ ତିନିଦିନିଆ ଦଳୀୟ ପ୍ରଶିକ୍ଷଣ ଶିବିରକୁ ଉଦଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ସଞ୍ଜିବ ପୃଷ୍ଟି ଓ ଓମପ୍ରକାଶ ସାହୁ ଏହି ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଦଳୀୟ କର୍ମୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ଗଣପତି ଗିରି, ମଞ୍ଜୁରାଣୀ ବେହେରା, ବିଧାନସଭା ମଣ୍ଡଳୀ ଯୁବ ବିଜେଡି ସଭାପତି ଦୀପକ ଦାସ, ଯୁବ ବିଜେଡି ବ୍ଲକ ସଭାପତି ଅଶୋକ ସାହୁ, ବିଜେଡି ଜିଲ୍ଲା ଉପ ସଭାପତି ତପନ ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ଭୁବନାନନ୍ଦ ଦାସ, ବ୍ଲକ ସାଧାରଣ ସମ୍ପାଦକ ହେମନ୍ତ ବେହେରା, ଜିଲ୍ଲା ପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ, ନିବେଦିତା ମହାନ୍ତି ଓ ପ୍ରତିମା ଚାନ୍ଦ, ବିଧାୟକ ପ୍ରତିନିଧି ବିଶ୍ୱଜିତ ଦାସ ଓ ଅଭିଜିତ ଦାସ ପ୍ରମୁଖ ମଞ୍ଚାସୀନ ଥିଲା ବେଳେ ସମସ୍ତ ବ୍ଲକ କମିଟି ସଦସ୍ୟ, ସଦସ୍ୟା ଓ ପଞ୍ଚାୟତସ୍ତରୀୟ ନିର୍ବାଚିତ ଜନପ୍ରତିନିଧି ମାନେ ଉପସ୍ଥିତ ଥିଲେ।

ସକାଳ THE SAKALA



# ଯୁବକଙ୍କୁ ଅଧରାତିରେ ଉଠାଇ ଆଣିଲା ପୁଲିସ

# ମହିଳାଙ୍କ ପ୍ରତିବାଦ, ଥାନା ଘେରାଉ

ତୁରୁମୁଙ୍ଗା, ୧୫।୧୧(ସମିସ)



ଜଣେ ଯୁବକଙ୍କୁ ରାତି ଅଧରେ ପୁଲିସ ଉଠାଇ ଆଣିବା ପରେ ବୁଧବାର ତୁରୁମୁଙ୍ଗା ଥାନା ପରିସରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବା ସହ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ତୁରୁମୁଙ୍ଗା ଥାନା ଘେରାଉ କରିଥିଲେ। ତେବେ ମହିଳାଙ୍କ ପ୍ରତିବାଦ ଆଗରେ ମୁଣ୍ଡ ନୁଆଁଇ ପୁଲିସ ସମ୍ପୃକ୍ତ ଯୁବକଙ୍କୁ ଛାଡ଼ି ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ ଗତ ୯ ତାରିଖରେ କଣ୍ଟିଆପଡ଼ା ଗାଁରେ ବେଆଇନ ଭାଟି ଓ ମଦ ବିକ୍ରିକୁ ମହିଳାମାନେ ପ୍ରତିବାଦ କରିଥିଲେ। ଖିରେଇଟାଙ୍ଗୀରି ପଞ୍ଚାୟତ ଡଳଙ୍ଗ ଗ୍ରାମରେ ଥିବା ସରକାରୀ ମଦ ଭାଟିକୁ ଯାଇ ଗ୍ରାମର ମହିଳା ଓ ପୁରୁଷମାନେ ପ୍ରତିବାଦ କରି ଭଙ୍ଗା ରୁଜା ମଧ୍ୟ କରିଥିଲେ। ଏ ନେଇ ଭାଟି ମ୍ୟାନେଜର ରବି କୁମାର ଥାନାରେ ୩୫ ଜଣଙ୍କ ନାମରେ ଅଭିଯୋଗ କରିଥିଲେ। ଅଭିଯୋଗ କରିବା ପରେ ତୁରୁମୁଙ୍ଗା ଥାନାରେ ୧୯୬ /୨୩ ରେ ମାମଲା ରୁଜୁ କରି ମଙ୍ଗଳବାର ବିଳମ୍ବିତ ରାତିରେ କଣ୍ଟିଆପଡ଼ା ଗ୍ରାମରେ ପୁଲିସ ଚଢ଼ଉ କରିଥିଲା। ଚଢ଼ଉ କରି ଗ୍ରାମର ଶରତ କୁମାର ବେହେରା(୩୫)ଙ୍କୁ ପୁଲିସ ଉଠାଇ ଆଣିଥିଲା। ବିନା ନୋଟିସ୍‌ରେ ପୁଲିସ କାହିଁକି ଉଠାଇ ଆଣିଲା ମଦ ବିକ୍ରି କରୁଥିବା ଭାଟି ମାଲିକ ଏବଂ ମାଫିଆଙ୍କୁ ପୁଲିସ ଅନୁକମ୍ପା ଦେଖାଉଥିବା ଅଭିଯୋଗ କରି ଶରତଙ୍କୁ ନିର୍ଦ୍ଦୋଷରେ ଛାଡ଼ିବା ପାଇଁ ଦାବି କରିଥିଲେ। କଣ୍ଟିଆପଡ଼ା ଗ୍ରାମର ସ୍ୱୟଂ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଥାନା ଘେରାଉ କରିଥିଲେ। ତେବେ ଘେରାଉ ପରେ ମହିଳାଙ୍କ ଜିଦ ଆଗରେ ତୁରୁମୁଙ୍ଗା ପୁଲିସ ହାର ମାନି ଶରତଙ୍କୁ ଖଲାସ କରିଥିଲା। ଯୁବକଙ୍କୁ ପୁଲିସ ଛାଡ଼ିବା ପରେ ମହିଳାମାନେ ଥାନା ସମ୍ମୁଖରେ ଖୁସି ମନାଇଥିଲେ। ତେବେ ରାତି ଅଧରେ ପୁଲିସ ଯୁବକଙ୍କୁ ଉଠାଇବା ଏବଂ ଥାନା ଘେରାଉ ସମ୍ପର୍କରେ ଫୋନ ଯୋଗେ ତୁରୁମୁଙ୍ଗା ଥାନା ଅଧିକାରୀ ଇନ୍ଦ୍ରଜିତ୍ ବେହେରାଙ୍କୁ ପଚାରିବାରୁ ସେ ଫୋନ ଉଠାଇ ନଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ତୁରୁମୁଙ୍ଗା, ୧୫।୧୧(ସମିସ):** କେନ୍ଦୁଝରଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ କେନ୍ଦେଇପଶି ପଞ୍ଚାୟତ ସିଲିଦା ଗ୍ରାମରେ ବୁଧବାର ମଧ୍ୟାହ୍ନରେ ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଅମିତାଭ ବଚନ ସେଠୀ (୩୪)। ସୂଚନା ଅନୁସାରେ ଅମିତାଭ ବଚନ ଗାଧୋଉଥିବା ସମୟରେ ଅସାବଧାନତା ଯୋଗୁଁ ଗୋଡ଼ ଖସି ଯାଇ ପାଣିରେ ବୁଡି ଯାଇଥିଲେ। ପରିବାର ଲୋକେ ଖୋଜା ଖୋଜି କରିବା ପରେ ପୋଖରୀ ଭିତରେ ଭାସୁଥିବା ଦେଖିବାକୁ ପାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଉଦୟପୁର ମେଡିକାଲକୁ ନେଇଥିଲେ। ଅବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅମିତାଭ ବଚନଙ୍କୁ ମୃତ ଘୋଷଣା କରିଥିଲେ।

## ଦୁଷ୍କର୍ମକାରୀକୁ ୧୦ବର୍ଷ ଜେଲ୍

**କେନ୍ଦୁଝର, ୧୫।୧୧(ସମିସ):** କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ୨୦୧୫ ମସିହାର ସଦର ଥାନା ଅଞ୍ଚଳରେ ଘଟିଥିବା ଏକ ଦୁଷ୍କର୍ମ ମାମଲାର ବିଚାରଣା କରି ଫାଷ୍ଟଟ୍ରାକ୍ କୋର୍ଟ ଅଭିଯୁକ୍ତକୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡ଼ିଛି। ଏଥି ସହିତ ମାମଲାର ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ସୁପାରିଶ କରିଛନ୍ତି। ଅଭିଯୁକ୍ତ ଡିତୁ ଓରଫ ସରୋଜ ମାଝୀକୁ ଦୋଷୀ ସାବ୍ୟସ୍ତକରି କୋର୍ଟ ଏହି ଦଣ୍ଡ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ସଦର ଥାନା ପର୍ଜନପୁର ଅଞ୍ଚଳର ଜଣେ ପୀଡ଼ିତାଙ୍କୁ ସେହି ଥାନା କସିରା(ଅମୃତପଡ଼ା) ଗ୍ରାମର ଅଭିଯୁକ୍ତ ସରୋଜ ମାଝୀ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରଥିଲା। ଅନିଚ୍ଛା ସତ୍ତ୍ୱେ ବାରମ୍ବାର ଦୁଷ୍କର୍ମ କରିବାରୁ ପୀଡ଼ିତା ଗର୍ଭବତୀ ହେବାପରେ ଅଭିଯୁକ୍ତ ତାଙ୍କୁ ଛାଡ଼ିଦେଇଥିଲା। ପରବର୍ତ୍ତୀ ସମୟରେ ସେ ବିବାହ ପ୍ରତିଶ୍ରୁତିରୁ ମଧ୍ୟ ଓହରି ଯାଇଥିଲା। ଏ ନେଇ ସଦର ପୁଲିସ କେଶ ନମ୍ବର ୫୦ ତା ୨୪/୨/୨୦୧୫ ଅନୁସାରେ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା। ବୁଧବାର ଏହି ମାମଲାରେ ବିଚାର କରି ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଅଭିଯୁକ୍ତକୁ ଧାରା ୩୭୬(୨)(ଏନ) ଏବଂ ଧାରା ୬ ପୋକ୍ସୋ ଆକ୍ଟ ଅନୁସାରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ, ୧୦ ହଜାର ଟଙ୍କା ଜରିମାନା, ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ସୁପାରିଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଫାଷ୍ଟଟ୍ରାକ୍ କୋର୍ଟର ସ୍ୱତନ୍ତ୍ର ପିପି ଜ୍ଞାନେନ୍ଦ୍ରନାଥ ଜେନା ମାମଲା ପରିଚାଳନା କରୁଥିଲେ।

**● ବଦଳିରେ ତଞ୍ଚକତା**

## ଅଫ୍‌ଲାଇନ୍‌ର ଫାଇଦା ନେଉଛନ୍ତି ବହୁ ଶିକ୍ଷକ

**ଆନନ୍ଦପୁର, ୧୫।୧୧(ସମିସ):** ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଆଣିବା ପାଇଁ ଶିକ୍ଷକଙ୍କ ବଦଳି ପ୍ରକ୍ରିୟାକୁ ଅନ୍‌ଲାଇନ ପୋର୍ଟାଲର ବ୍ୟବସ୍ଥା କରିଛନ୍ତି। ଏହି ପୋର୍ଟାଲ ମାଧ୍ୟମରେ ଶିକ୍ଷକମାନେ ସେମାନଙ୍କର ବଦଳି ନିମନ୍ତେ ଆବେଦନ କରି ଆସୁଛନ୍ତି। ହେଲେ ପୋର୍ଟାଲ ମାଧ୍ୟମରେ ଆନନ୍ଦପୁର ଉପଖଣ୍ଡ ଅଞ୍ଚଳରେ ଶିକ୍ଷକ ବଦଳି ପ୍ରକ୍ରିୟାରେ ସ୍ୱଚ୍ଛତା ରହୁନଥିବା ଅଭିଯୋଗ ହୋଇଛି। ସ୍ୱଚ୍ଛତା ଆଧାରରେ ଅନ୍‌ଲାଇନରେ ଆବେଦନ କରିଥିବା ଶିକ୍ଷକମାନେ ବଦଳି ପ୍ରକ୍ରିୟାରେ ସାମିଲ ହୋଇପାରୁ ନାହାନ୍ତି। ଅନେକ ବିଦ୍ୟାଳୟରେ ଶିକ୍ଷକମାନଙ୍କୁ ଡେପୁଟେସନରେ ପଠାଯାଉଥିବାବେଳେ ବିଦ୍ୟାଳୟ ଷ୍ଟାଟସ୍‌ରେ ଶିକ୍ଷକ ଉପସ୍ଥିତ ଦର୍ଶାଉଛି। ଅନ୍‌ଲାଇନ୍ ଆବେଦନ କରି ଶିକ୍ଷକମାନେ ବଦଳି ପ୍ରକ୍ରିୟାର ସୁଫଳ ପାଇପାରୁନାହାନ୍ତି। କିଏ କିଏ ଅଫଲାଇନ୍ ମାଧ୍ୟମରେ ହାତଗୁଞ୍ଜା କିମ୍ବା ରାଜନୈତିକ ଚାପରେ ବଦଳି ସୁବିଧାଜନକ ସ୍ଥିତିରେ କରିନେଉଥିବାବେଳେ ଅନ୍‌ଲାଇନରେ ଆବେଦନକାରୀ ଶିକ୍ଷକମାନେ ନିରାଶ ହେଉଛନ୍ତି। ଫଳରେ ବଦଳି ପ୍ରକ୍ରିୟାକୁ ନେଇ ଶିକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ପ୍ରତି ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା ଆଧାରରେ ନିଯୁକ୍ତି ବ୍ୟବସ୍ଥା ହୋଇଥିବାବେଳେ ତନ୍ମଧ୍ୟରୁ ଡେପୁଟେସନରେ ଶିକ୍ଷକମାନଙ୍କୁ ନିଆଯାଇ ବ୍ୟବସ୍ଥା ଉପରେ ଚାପ ସୃଷ୍ଟି କରାଯାଉଛି। ଏପରିକି ଆନନ୍ଦପୁର ବ୍ଲକର ଦୁର୍ଗମ ଅଞ୍ଚଳରେ ଦୀର୍ଘ ବର୍ଷ ଧରି ରହିଆସିଥିବା ବହୁ ଶିକ୍ଷକମାନେ ବଦଳି ପ୍ରକ୍ରିୟାରେ ସାମିଲ ହୋଇପାରୁନାହାନ୍ତି। ନିୟମିତ ଧାରାରେ ସରକାରୀ ଆଇନାନୁମୋଦିତ ସମୟ ଅତିକ୍ରାନ୍ତ କରିଯାଇଥିଲେ ହେଁ ବହୁ ଶିକ୍ଷକ ବଦଳି ପ୍ରକ୍ରିୟାରୁ ବଞ୍ଚିତ ହେଉଛନ୍ତି। ବହୁ ବିଦ୍ୟାଳୟ ଆବଶ୍ୟକତାଠାରୁ ବହୁ କମ୍ ବା ଜଣେ ଶିକ୍ଷକରେ ଚାଲୁଥିବା ବେଳେ ଠିକଣା ସମୟରେ ଶିକ୍ଷକ ନିୟୋଜିତ ହୋଇପାରୁନାହାନ୍ତି। ଯାହାର ପ୍ରତିକ୍ରିୟା ସ୍ୱରୂପ ଶିକ୍ଷକ ପଦବୀ ପୂରଣ ନିମନ୍ତେ ବିଭିନ୍ନ ସମୟରେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଯାଇଥିବା ନଜିର ରହିଛି। ମନୋହରପୁର ପଞ୍ଚାୟତ ଆଦିଲାପୁରା ଭଳି ବିଦ୍ୟାଳୟରେ ଦୁଇଜଣ ଶିକ୍ଷକଙ୍କ ମଧ୍ୟରୁ ଜଣେ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଥିବା ବେଳେ ମାତ୍ର ଜଣଙ୍କ ଉପରେ ବିଦ୍ୟାଳୟର ସମସ୍ତ ଦାୟିତ୍ୱ ନ୍ୟସ୍ତ ଅଛି। ସେହିଭଳି ଆନନ୍ଦପୁର ଉପଖଣ୍ଡ ସମେତ ଜିଲ୍ଲାରେ ମଧ୍ୟ ଅନେକ ବିଦ୍ୟାଳୟରେ ଏଭଳି ବ୍ୟବସ୍ଥା ଲାଗି ରହିଛି। ଜଣେ ଜଣେ ଶିକ୍ଷକଙ୍କ ଦ୍ୱାରା ପିଲାଙ୍କ ପାଠ ପଢ଼ାଠାରୁ ଆରମ୍ଭ କରି ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ନ୍ୟସ୍ତ ରହୁଥିବା ବେଳେ ଅନେକ ସମୟରେ ସରକାରୀ କାର୍ଯ୍ୟରେ ଶିକ୍ଷକମାନଙ୍କୁ ବିଦ୍ୟାଳୟରେ ଅନୁପସ୍ଥିତ ରହିବାକୁ ପରିସ୍ଥିତି ବାଧ କରୁଛି। ଫଳରେ ବିଦ୍ୟାଳୟରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଏଭଳି ଘଟଣାକୁ ନେଇ ଅନେକ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା ସାଜିଛନ୍ତି।

## ଚମ୍ପୁଆ ଘରୋଇ ବସ୍ ମାଲିକ ସଂଘର ସ୍ୱତନ୍ତ୍ର ଅଧିବେଶନ

**ଚମ୍ପୁଆ, ୧୫।୧୧(ସମିସ):** ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି 'ଲକ୍ଷ୍ମୀ' ଓ 'ମୋ ବସ' ଚଳାଚଳ ନିଷ୍ପତ୍ତି ନିଆଯାଇଥିବା ବେଳେ ଏହାକୁ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବିରୋଧ କରାଯାଉଛି। ଏ ନେଇ ଚମ୍ପୁଆ ବସ୍ ମାଲିକ ସଂଘର ୧୫ ତମ ଅଧିବେଶନ ସ୍ୱତନ୍ତ୍ର ଭାବେ ଡକାଯାଇଛି। ଏ ବାବଦରେ ରାଜ୍ୟ ଘରୋଇ ବସ୍ ମାଲିକ ସଂଘ ସରକାରଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ପରେ ବିରୋଧ କରାଯାଇଛି। ଚମ୍ପୁଆ ବସ୍ ମାଲିକ ସଂଘ ଦେଇଥିବା ସୂଚନା ଅନୁଯାୟୀ ଆଗାମୀ ୨୨ ତାରିଖ ଦିନ ଏହି ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଚମ୍ପୁଆ ଘରୋଇ ବସ୍ ମାଲିକ ସଂଘ ସଭାପତି ଏମ୍‌ଡି ଇସ୍‌ରାର୍ ଅଲ୍ଲୀ ଏବଂ ସମ୍ପାଦକ ଭୋଳାନାଥ ମହାନ୍ତଙ୍କ ତତ୍ତ୍ୱାବଧାନରେ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବହୁ ଘରୋଇ ବସ୍ ମାଲିକ ଓ ସଂଘ ସଦସ୍ୟ ଯୋଗ ଦେଇଥିଲେ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ବାଲିବନ୍ଧ, ୧୫।୧୧ (ସମିସ):** ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନା ମାଧ୍ୟମରେ ପ୍ରତି ଗ୍ରାମପଞ୍ଚାୟତକୁ ୫୦ଲକ୍ଷ ଟଙ୍କା ଅନୁଦାନ କରାଯାଇଛି। ଏହି ସବୁ ପ୍ରକଳ୍ପର କାର୍ଯ୍ୟ ଏବେ ଆରମ୍ଭ ହୋଇଯାଇଛି। ଏହି କ୍ରମରେ ମଙ୍ଗଳବାର ସଦର ନିର୍ବାଚନମଣ୍ଡଳୀ ଝୁମ୍ପୁରା ବ୍ଲକର ବିଭିନ୍ନ ପଞ୍ଚାୟତରେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଯାଇଛି। ତେବେ ଝୁମ୍ପୁରା ବ୍ଲକର ନାରଦପୁର ପଞ୍ଚାୟତର ନାରଦପୁର, ଜଗନ୍ନାଥପୁର, ବଳଭଦ୍ରପୁର, ୨ୟ ଧନୁର୍ଜୟପୁର ଓ ଆଙ୍ଗୁଳିଆ ଗ୍ରାମରେ ୯ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେହିପରି ଗୁମୁରା ପଞ୍ଚାୟତ ସୁରୁପତଳା ଗ୍ରାମର ସାଂସ୍କୃତିକ ପାଲା ମଣ୍ଡପ ଏବଂ ମା'ତାରିଣୀ ମନ୍ଦିର ମୁଖଶାଳା ଉନ୍ନତିକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ସେହିପରି ନିଶ୍ଚିନ୍ତପୁର ପଞ୍ଚାୟତ ସାନହୁଣ୍ଡୁଳା ଗ୍ରାମରେ ୨ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ମାଳତୀ ନାଏକ, ଜିଲ୍ଲାପରିଷଦ ସଭ୍ୟ କ୍ଷୀରୋଦିନୀ ମହାକୁଡ଼, ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ବ୍ଲକ ସଭାପତି ମହମ୍ମଦ କଫିଲ ଆନସାରୀ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବାବୁରାମ ନାଏକ, ନାରଦପୁର ସରପଞ୍ଚ ହେମତୀ ମୋଦୀ, ସମିତି ସଭ୍ୟ ଅଯୋଧ୍ୟା ନାଏକ, ଗୁମୁରା ସରପଞ୍ଚ ତପନ କୁମାର ନାଏକ, ସମିତି ସଭ୍ୟ ଉଦୟନାଥ ପାତ୍ର, ନିଶ୍ଚିନ୍ତପୁର ସରପଞ୍ଚ ପୁଷ୍ପାଞ୍ଜଳି ମୁଣ୍ଡାଙ୍କ ସମେତ ଅମିତ ବାରିକ, ଯୋଗେଶ୍ୱର ପଲେଇ, ରେଖାମଣି ବାରିକ, ଦାଶରଥି ବାରିକ, ବାବାଜି ଚରଣ ବାରିକ, ମହେନ୍ଦ୍ର ବାରିକ, ବିରଞ୍ଚି ନାରାୟଣ ବାରିକ, ଗୁରୁଦେବ ପାତ୍ର, ନବୀନ ମହାକୁଡ଼, ଚାରୁଚନ୍ଦ୍ର ପାତ୍ର, ରମେଶଚନ୍ଦ୍ର ନାଏକ, ପରମେଶ୍ୱର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଓ ଟ୍ରାନ୍ସପୋର୍ଟିଂ ସମବାୟ ସମିତି ପକ୍ଷରୁ ସମବାୟ ସପ୍ତାହ

**ଶୁଆକାଟୀ, ୧୫।୧୧(ସମିସ):** କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ ଶୁଆକାଟୀଠାରେ ଥିବା ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଏବଂ ଟ୍ରାନ୍ସପୋର୍ଟିଂ ସମବାୟ ସମିତି ପକ୍ଷରୁ ସମବାୟ ସପ୍ତାହ ପାଳିତ ହୋଇଛି। ସୋସାଇଟି କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ ପୂର୍ବକ ସମବାୟ ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ କେନ୍ଦୁଝର ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଅଫ୍ କୋ-ଅପରେଟିଭ୍ ସୋସାଇଟିରେ କାର୍ଯ୍ୟରତ ଏସ୍‌ଏଆରସିଏସ୍ ବସନ୍ତ କୁମାର ନାୟକ ଯୋଗଦାନ ଦେଇ ସମବାୟ ସମିତିର ଲକ୍ଷ୍ୟ ଏବଂ ଆଭିମୁଖ୍ୟ ଉପରେ ମାର୍ଗଦର୍ଶନ କରିଥିଲେ। ସମବାୟ ସମିତି ଶୁଆକାଟିର ସଭାପତି ମାନସ ରଞ୍ଜନ ବାରିକ ପତାକା ଉତ୍ତୋଳନ କରିଥିଲେ। ସଦସ୍ୟ ସୁଶାନ୍ତ କୁମାର ସାମଲଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ ହୋଇଥିଲା ବେଳେ ଭୁବନେଶ୍ୱର ଦାସଙ୍କ ଦ୍ୱାରା ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ବାର୍ତ୍ତା ପଠନ କରାଯାଇଥିଲା। ଏହି ଅବସରରେ ସୋସାଇଟିର ବରିଷ୍ଠ ସଦସ୍ୟ ଅଖିଳ ବାରିକ, ପୂର୍ବତନ ସମ୍ପାଦକ ଉମାକାନ୍ତ ବିନ୍ଧାଣି, ଉତ୍ତମ ବାରିକ, ସମ୍ପାଦକ ଉତ୍କଳ ଦାସ, ସୁରେଶ କୁମାର ପାତ୍ର, ମହେଶ୍ୱର ମହାକୁଡ଼, ପରମେଶ୍ୱର ବାରିକ, ଗଣେଶ ବାରିକ, ଭୀମସେନ ପୁହାଣ, ଈଶ୍ୱର ବେହେରା, ଚନ୍ଦ୍ର ଶେଖର ବାରିକଙ୍କ ସମେତ ସୋସାଇଟିର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।



## ଆହତ ହାତୀ ଛୁଆର ଚିକିତ୍ସା ଉଦ୍ୟମ ବିଫଳ



**ହାତୀପଲ ଛୁଆକୁ ଛାଡୁନଥିବାରୁ ଉପୁଜୁଛି ସମସ୍ୟା**

**କେନ୍ଦୁଝର, ୧୫।୧୧(ସମିସ):** କେନ୍ଦୁଝର ବନଖଣ୍ଡର ସଦର ରେଞ୍ଜ ବଲଦା ମୈଦାନକେଲ ଅଞ୍ଚଳରେ ଥିବା ହାତୀପଲ ମଧ୍ୟରୁ ଗୋଟିଏ ଛୋଟ ହାତୀ ଛୁଆର ଗୋଡ଼ରେ କ୍ଷତହୋଇ ଆହତ ହୋଇଛି। ଏହି ଛୁଆ ହାତୀଟି ଠିକ ଭାବେ ଚାଲି ପାରୁନଥିବାବେଳେ ବନବିଭାଗ ଛୁଆ ହାତୀଟିର ଚିକିତ୍ସାପାଇଁ ପ୍ରୟାସ ଚଳାଇଛି। ତେବେ ହାତୀ ପଲ ଛୁଆକୁ ଛାଡୁନଥିବାରୁ ସମସ୍ୟା ଉପୁଜିଛି। ଆହତ ହାତୀର ବୟସ ଆନୁମାନିକ ୩/୪ମାସ ହେବ ବୋଲି କୁହାଯାଉଛି। କିଛିଦିନ ପୂର୍ବରୁ ବନ ବିଭାଗର ମିନିଟରିଂବେଳେ ଉକ୍ତ ଅଞ୍ଚଳରେ ବୁଲୁଥିବା ୧୨ ଟିକିଆ ଦଳରୁ ଗୋଟିଏ ହାତୀ ଛୁଆ ଆହତ ଥିବା ଜଣାପଡ଼ିଥିଲା। କିନ୍ତୁ ଛୁଆଟି ମା' ସହିତ ଦଳରେ ରହୁଥିବାରୁ ତା'ର ଚିକିତ୍ସା କରିବା ମୁସ୍କିଲ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହାତୀ ଛୁଆକୁ ଚିକିତ୍ସା ପରେ ହୁଏତ ହାତୀ ଦଳ ସାଙ୍ଗରେ ନେଇ ନପାରନ୍ତି। ଏହାକୁନେଇ ବନ ବିଭାଗ ଚିନ୍ତାରେ ଥିବାବେଳେ ହାତୀ ଛୁଆର ଚିକିତ୍ସା ନହେଲେ ତା'ର ଜୀବନ ପ୍ରତି ବିପଦ ଥିବାରୁ ବନ ବିଭାଗ ହାତୀ ଛୁଆକୁ ଚିକିତ୍ସା କରିବାକୁ ଅନେକ କସରତ ପରେ ମଧ୍ୟ ବିଫଳ ହୋଇଛି। ଛୋଟ ହାତୀକୁ ଟ୍ରାଙ୍କୁଲାଇଜ୍ କରିବା ବିପଦ ଥିବାରୁ ବନ ବିଭାଗ ସତର୍କତାର ସହିତ ପଦକ୍ଷେପ ନେଉଛି। ହାତୀପଲ ବେଲଦା ମୈଦାନକେଲର ଘଞ୍ଚ ଜଙ୍ଗଲକୁ ଚାଲି ଯାଇଥିବାରୁ ଛୁଆହାତୀଟିକୁ ଚିକିତ୍ସା ହୋଇପାରିନାହିଁ। ବନବିଭାଗର ଡାକ୍ତରୀ ଦଳ, ପ୍ରାଣୀ ଚିକିତ୍ସା ଅଧିକାରୀ, ହାତୀ ସ୍କ୍ୱାଡ୍, ବନ କର୍ମଚାରୀ ଆହତ ହାତୀ ଛୁଆର ଚିକିତ୍ସା କରିବାକୁ ଜଙ୍ଗଲରେ ଜଗିରହିଛନ୍ତି। ବୁଧବାର ସକାଳେ ହାତୀ ଛୁଆକୁ ଦଳରୁ ଅଲଗା କରିବାକୁ ଡ୍ରୋନ୍ କ୍ୟାମେରାର ସହାୟତା ନେଇ ଚେଷ୍ଟା କରାଯାଇଥିଲେ ମଧ୍ୟ ସଫଳତା ମିଳିନାହିଁ। କିନ୍ତୁ ଆହତ ହାତୀ ଛୁଆଟି ମା' ହାତୀ ଏବଂ ଦଳରେ ଆହତ ଅବସ୍ଥାରେ ମଧ୍ୟ ୧୦/୧୫ କିଲୋମିଟର ଚାଲିଚାଲି ଯିବା ଘଟଣା ବନବିଭାକୁ ଅଡୁଆରେ ପକାଇଛି। ହାତୀ ଛୁଆର ତୁରନ୍ତ ଚିକିତ୍ସା ଆବଶ୍ୟକ ଥିବାରୁ ବନ ବିଭାଗ ଚିନ୍ତାରେ ପଡ଼ିଛି।

## ଅପେରା, ମୀନାବଜାରରେ ଭିଡ଼



**ଯୋଡ଼ା, ୧୫।୧୧(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତର ଶିଆଳି ଯୋଡ଼ା ଗ୍ରାମରେ ସାର୍ବଜନୀନ ମା' କାଳୀଙ୍କ ପୂଜା ଅନୁଷ୍ଠିତ ହେଉଛି। ଦୀର୍ଘ ୬୫ ବର୍ଷ ହେବ ଏହି ପୂଜା ପାରମ୍ପରିକ ନୀତି ନିୟମ ଅନୁଯାୟୀ ହେଉଥିବା ବେଳେ ଏବର୍ଷ ଅପେରା, ମୀନାବଜାର, ବିଭିନ୍ନ ପ୍ରକାର ଝୁଲା ସବୁ ବସିଛି। ଦେଓଝର ପଞ୍ଚାୟତର ଗ୍ରାମବାସୀ ତଥା ଆଖାପାଖ ପଞ୍ଚାୟତର ଲୋକଙ୍କ ଭିଡ଼ ଜମୁଛି। ଦେଓଝରର ପୂର୍ବତନ ସରପଞ୍ଚ ମଙ୍ଗଳ ମୁଣ୍ଡା ଓ ପୁରାତନ ସମିତି ସଭ୍ୟ ତଥା ଏବେକାର ବିଜୁ ଛାତ୍ର ଜନତା ଦଳର ସଭାପତି ଯୁଧିଷ୍ଠିର ପଲେଇଙ୍କ ନେତୃତ୍ୱରେ କିଛି ବର୍ଷ ହେବ ଏହି ପୂଜା ଖୁବ୍ ଧୁମଧାମରେ ପାଳନ କରାଯାଉଛି। ମେଳା ପାଞ୍ଚଦିନ ଧରି ହେଉଥିବା ବେଳେ ଅପେରା ତିନିଦିନ ହେବ ବୋଲି ସାର୍ବଜନୀନ କାଳିପୂଜା କମିଟିର ସଭାପତି ମଙ୍ଗଳ ମୁଣ୍ଡା ଓ ସମ୍ପାଦକ ଶ୍ରୀ ପଲେଇ ସୂଚନା ଦେଇଛନ୍ତି। ଆଖାପାଖ ତିନୋଟି ପଞ୍ଚାୟତର ଲୋକ ମେଳାକୁ ଆସି ନିତ୍ୟ ବ୍ୟବହାର୍ଯ୍ୟ ସମାଗ୍ରୀ କିଣିବା ସହିତ ବିଭିନ୍ନ ପ୍ରକାର ଷ୍ଟଲ୍ ଓ ଝୁଲାର ମଜା ନେଉଛନ୍ତି। ଶୃଙ୍ଖଳା ବଜାୟ ରଖିବା ପାଇଁ ଯୋଡ଼ା ପୁଲିସ ଅଧୀନ ବିଲେଇପଦା ଫାଣ୍ଡି ପୁଲିସ ସେବା ଯୋଗାଇ ଦେଉଛି। ଏହି ମେଳାକୁ ଶାନ୍ତି ଶୃଙ୍ଖଳାର ସହ କରିବା ପାଇଁ କମିଟି ପକ୍ଷରୁ ରାଧାକାନ୍ତ ପଣ୍ଡା, ଲକ୍ଷ୍ମଣ ବାରିକ, ଦେବେନ୍ଦ୍ର ବେହେରା, ବୃନ୍ଦାବନ ବେହେରା, ବିନୋଦ ମହାନ୍ତ, ଲେମ୍ବୁ ପାତ୍ର, କନ୍ଦର୍ପ ପାତ୍ର, ମନବୋଧ ବେହେରା, ଶିବ ଶଙ୍କର ମୁଣ୍ଡା ପ୍ରମୁଖ ସହଯୋଗ କରୁଛନ୍ତି।

**କେନ୍ଦୁଝରର ପ୍ରସିଦ୍ଧ କାଳୀମେଳା**

## ଝଲସୁଛି ସହର, ଜମୁଛି ଭିଡ଼





କେନ୍ଦୁଝର, ୧୫।୧୧(ସମିସ)



କେନ୍ଦୁଝରର ପ୍ରସିଦ୍ଧ କାଳୀପୂଜା ମେଳା ପାଇଁ ଆଲୋକ ମାଳାରେ ଝଲସୁଛି ସହର। ମେଢ଼ ଓ ମେଳା ବୁଲିବାକୁ ଲୋକଙ୍କ ଭିଡ଼ ବଢ଼ୁଛି। ମେଳା ସୋମବାରରୁ ଆରମ୍ଭ ହୋଇଥିବାବେଳେ ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ପ୍ରତ୍ୟେହ ସନ୍ଧ୍ୟାରେ ସହରଯାକ ଝକମକ ଆଲୋକରେ ଦୀପାବଳିର ମାହୋଲକୁ ଦ୍ୱିଗୁଣିତ କରୁଛି। ବିଶେଷକରି କାଳୀତୀର୍ଥ କମିଟି କାଳୀପୂଜା ଓ କାଳୀମେଳା, ଶ୍ମଶାନ କାଳୀପୂଜା କମିଟି, ଟେଲିଫୋନ ଏକ୍ସଚେଞ୍ଜ ଛକ କାଳୀପୂଜା କମିଟି, ମାଇନିଂ ବଜାର କାଳିପୂଜା କମିଟି, କାଳୀପୂଜା ମେଢ଼ ଏବଂ ସାଜସଜ୍ଜା ସହରର ପୂଜା ମାହୋଲକୁ ବଢ଼ାଇଦେଇଛି। କେନ୍ଦୁଝରରେ କାଳୀପୂଜା ପ୍ରସିଦ୍ଧ କାଳୀମେଳା ଅନୁଷ୍ଠିତ ହେଉଥିବାରୁ ଜିଲ୍ଲା ତଥା ଜିଲ୍ଲା ବାହାରୁ ଅନେକ ଶ୍ରଦ୍ଧାଳୁ ମେଳାକୁ ଆସୁଥିବା ଲକ୍ଷ୍ୟ କରାଯାଇଛି। କେନ୍ଦୁଝର କାଳିମେଳା ରାଜାରାଜୁଡ଼ା ଅମଳରୁ ଖ୍ୟାତି ଅର୍ଜନ କରିଥିବାବେଳେ ମା' କାଳୀଙ୍କର ପୂଜା ଅନୁଷ୍ଠିତ ହେଉଛି। ମେଳାକୁ ଅନେକ ଦୋକାନବଜାର ଆସିଥିବାବେଳେ ବିଭିନ୍ନ ନାଟ୍ୟ ସଂସ୍ଥା ପକ୍ଷରୁ ଅପେରା ଶୋ' ଆରମ୍ଭ ହୋଇଥିବାରୁ ଚଳିତ ବର୍ଷ ଅଧିକ ସଂଖ୍ୟାରେ ଦର୍ଶକ ତଥା ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ସୁରକ୍ଷା ବ୍ୟବସ୍ଥାକୁ ଆଖି ଆଗରେ ରଖି ମେଳା ପାଇଁ ଟାଉନ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଥାନା ଛକ, ଚର୍ଚ୍ଚ ଛକ, ପାର୍କଲାଇନ ଆଦି ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଚଳିତବର୍ଷ କାଳୀତୀର୍ଥ କେନ୍ଦୁଝର କାଳୀପୂଜାକୁ ୮୩ବର୍ଷ ପୂରିଛି। ସେହିପରି ଟେଲିଫୋନ୍ ଏକ୍ସଚେଞ୍ଜ ଛକ କାଳୀପୂଜା ଚଳିତ ବର୍ଷ ୫୩ବର୍ଷରେ ପଦାର୍ପଣ କରୁଥିବାବେଳେ କମିଟି ପକ୍ଷରୁ ପ୍ରତିବର୍ଷ ଭଳି ବନ୍ଧୁମାନଙ୍କ ଗହଣରେ ଏଥର ମଧ୍ୟ ଲଟେରି ଉଠାଣ ହେଉଛି। ବିଭିନ୍ନ ସ୍ଥାନରେ ମୀନାବଜାର ସାଙ୍ଗକୁ ବିଭିନ୍ନ ଘରକରଣା ସାମଗ୍ରୀ ଦୋକାନ ଲୋକଙ୍କୁ ବିଶେଷ ଆକୃଷ୍ଟ କରୁଛି। ଜନଜାତି ସାଧନ କେନ୍ଦ୍ର ସମ୍ମୁଖରେ ଭଳିକିଭଳି ଖାଦ୍ୟଷ୍ଟଲ, କାଳୀମେଳା ପ୍ରବେଶ ପଥର ଡାହାଣ ପଟ ଖାଦ୍ୟଷ୍ଟଲରେ ଲୋକଙ୍କ ଭିଡ଼ ହେଉଛି। ବାଣପୁର ଅଞ୍ଚଳରୁ ଆସିଥିବା ବେତ ତିଆରି ସାମଗ୍ରୀ, ଜିଲ୍ଲା ବାହାରୁ ଆସିଥିବା ଘରକରଣା ଲୁହା ସାମଗ୍ରୀ, ଭଳିକି ଭଳି ଆଚାର, ବିଭିନ୍ନ ପ୍ରକାରର ଗାଳିଚା ବିକ୍ରୟ ଦୋକାନରେ ମଧ୍ୟ ଭିଡ଼ ହେଉଛି। କାଶୀପୁରଠାରେ ମା' ଶ୍ମଶାନକାଳୀଙ୍କର ପୂଜା ସହ ମାଇନିଂ ସ୍କୁଲ ନିକଟରେ ମଧ୍ୟ ମା' କାଳୀଙ୍କର ପୂଜା ଆରମ୍ଭ ହୋଇଛି। ବିଭିନ୍ନ ପୂଜା ମଣ୍ଡପ ଗୁଡିକରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିବାବେଳେ ପାଖାପାଖି ୧୨ଦିନ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରସିଦ୍ଧ କାଳୀମେଳା ପାଇଁ ବିଭିନ୍ନ କମିଟି, ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏତଦ୍‌ବ୍ୟତୀତ ମାଧପୁର ମା' କାଳୀ ମନ୍ଦିରରେ ଏହି ଅବସରରେ ବିଶେଷ ପୂଜାନୀତି ହୋଇଥିବାବେଳେ ଆଲୋକ ସାଜସଜ୍ଜା ପୂଜାକୁ ଆହୁରି ଆକର୍ଷଣୀୟ କରିଛି। ସିଦ୍ଧମଠର ଶିଦ୍ଧକାଳୀ ମନ୍ଦିର, ସରାସର କାଳୀମନ୍ଦିରରେ ମଧ୍ୟ ଦୀପାବଳି ଅବସରରେ ବିଶେଷ ପୂଜାନୀତି ସମ୍ପନ୍ନ ହୋଇଛି।

